بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 39

# ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

24 ସେପ୍ଟେମ୍ବର 2020 | 24 ତବୁକ୍ 1399 ହି.ଶ | 06 ସଫର୍ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡۤا اَطِيۡعُوا اللّٰهَ وَاَطِيۡعُوا الرَّسُوۡلَ وَاُولِى الۡاَمۡرِ مِنۡكُمۡ ۚ فَاِنۡ تَنَازَعۡتُمۡ فِىۡ شَىۡءٍ فَرُدُّوۡهُ اِلَى اللّٰهِ وَالرَّسُوۡلِ (النساء:60)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କର ଆଦେଶ ପାଳନ କର ଏବଂ ତାହାଙ୍କ ପ୍ରେରିତ ରସୁଲଙ୍କର ତଥା ତୁମମାନଙ୍କ ମଧ୍ୟରେ ଥିବା କର୍ତ୍ତୃପକ୍ଷଙ୍କର ଆଦେଶ ପାଳନ କର; ପୁଣି ଯଦି ତୁମେମାନେ କୌଣସି ବିଷୟରେ (କର୍ତ୍ତୃପକ୍ଷଙ୍କ ସହିତ) ଏକମତ ନହୁଅ ତେବେ ଯଦି ତୁମେମାନେ ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ ସ୍ଥାପନ କରୁଥାଅ ତେବେ ତାହାକୁ ଅଲ୍ଲାଃ ଓ ରସୁଲଙ୍କ ପ୍ରତି ପ୍ରତ୍ୟାବର୍ତ୍ତନ କର । *(ନିସା: ୬୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

## ମାମୁର ମିନଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ତରଫରୁ ନିୟୋଜିତ ହୋଇଥିବା ସଂସ୍କାରକ)ଙ୍କୁ ବିରୋଧ କରୁଥିବା ଲୋକମାନଙ୍କର ବିଶ୍ୱାସ ନଷ୍ଟ ହୋଇଯାଇଥାଏ

**ସର୍ବଶକ୍ତିମାନ ପରମେଶ୍ୱର ମତେ ମାମୁର୍ ଏବଂ ମସିହ୍ ମଉଦ୍ ନାମରେ ଏ ସଂସାରକୁ ପ୍ରେରଣ କରିଛନ୍ତି ତେଣୁ ଯେଉଁ ଲୋକମାନେ ମୋତେ ବିରୋଧ କରୁଛନ୍ତି, ସେମାନେ ମତେ ନୁହେଁ ବରଂ ଈଶ୍ୱରଙ୍କୁ ବିରୋଧ କରୁଛନ୍ତି,**

### ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

ଆମ ବିରୋଧିମାନଙ୍କର ଅବସ୍ଥା ଏପରି କି ଏହାଦ୍ୱାରା ଇମାନ୍ (ବିଶ୍ୱାସ) ନଷ୍ଟ ହୋଇଯିବାର ଆଶଙ୍କା ରହିଛି କାରଣ ସେମାନେ ପୂଣ୍ୟବାନ ବ୍ୟକ୍ତିଙ୍କୁ ମନ୍ଦ ବୋଲି ଭାବନ୍ତି ଏବଂ ମାମୁର୍ ମିନଲ୍ଲାଃଙ୍କୁ ମିଥ୍ୟାବାଦୀ ରୂପେ ଅଭିହିତ କରନ୍ତି । ଏହାଦ୍ୱାରା ଅଲ୍ଲାଃ ତାଲାଙ୍କ ସହିତ ଏକ ଯୁଦ୍ଧ ଆରମ୍ଭ ହୋଇଯାଏ । ଏହା ସ୍ୱଷ୍ଟ ସତ୍ୟ ଯେ ସର୍ବଶକ୍ତିମାନ ପରମେଶ୍ୱର ମତେ ମାମୁର୍ ଏବଂ ମସିହ୍ ମଉଦ୍ ନାମରେ ଏ ସଂସାରକୁ ପ୍ରେରଣ କରିଛନ୍ତି ତେଣୁ ଯେଉଁ ଲୋକମାନେ ମୋତେ ବିରୋଧ କରୁଛନ୍ତି, ସେମାନେ ମତେ ନୁହେଁ ବରଂ ଈଶ୍ୱରଙ୍କୁ ବିରୋଧ କରୁଛନ୍ତି, କାରଣ ଯେ ପର୍ଯ୍ୟନ୍ତ ମୁଁ ଦାବି କରିନଥିଲି, ସେ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ ବହୁତ ଲୋକେ ମତେ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ ଓ ମୋ ହାତରୁ ଲୋଟା ନେଇ ୱଜୁ କରିବାକୁ ପୂଣ୍ୟ ଓ ଗର୍ବ ଅନୁଭବ କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଲୋକ ମୋର ବୟତ କରିବାକୁ ଜିଦ୍ ଧରିଥିଲେ କିନ୍ତୁ ଯେତେବେଳେ ଖୁଦାଙ୍କ ନାମ ଏବଂ ଧ୍ୱଜା ଜରିଆରେ ଏହି ସମ୍ପ୍ରଦାୟ ଆରମ୍ଭ ହେଲା, ସେତେବେଳେ ଏହି ଲୋକମାନେ ହିଁ ମୋ ବିରୁଦ୍ଧରେ ଛିଡ଼ା ହୋଇଗଲେ । ଏଥିରୁ ସ୍ୱଷ୍ଟ ରୂପେ ପ୍ରମାଣ ମିଳିଲା ଯେ ସେମାନଙ୍କର ହୃଦୟ ଭିତରେ ଥିବା ଶତୃତା, ମୋ ପ୍ରତି ନଥିଲା ବରଂ ସର୍ବଶକ୍ତିମାନ ପରମେଶ୍ୱରଙ୍କ ପ୍ରତି ଥିଲା । ଯଦି ଈଶ୍ୱରଙ୍କ ସହିତ ସେମାନଙ୍କର ଆନ୍ତରିକ ସମ୍ପର୍କ ଥାଆନ୍ତା ତେବେ ସେମାନଙ୍କର ଧର୍ମ, ଈଶ୍ୱର ଭୟ ଏବଂ ଧର୍ମପରାୟଣାତା ଏହା ଚାହିଁଥାନ୍ତା ଯେ ସର୍ବପ୍ରଥମେ ସେମାନେ ମୋର ଏହି ଘୋଷଣା ଅର୍ଥାତ ଦାବିକୁ ଗ୍ରହଣ କରିଥାନ୍ତେ ଏବଂ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରି ନତମସ୍ତକ ହୋଇ ମୋତେ ସ୍ୱାଗତ କରିଥାନ୍ତେ । କିନ୍ତୁ ନା, ସେମାନେ ନିଜର ହତିୟାରକୁ ଧରି ବାହାରି ପଡ଼ିଲେ ଏବଂ ଏହି ମୁଖାଲିଫତ୍‌କୁ ସେମାନେ ଏତେ ମାତ୍ରାରେ ବଢ଼ାଇଦେଲେ ଯେ ମତେ କାଫିର୍ ଏବଂ ବେଦିନ୍ ଅର୍ଥାତ:- ଅବିଶ୍ୱାସକାରୀ ଓ ବିଧର୍ମୀ ବୋଲି କହିଦେଲେ ସେହିପରି ଦଜ୍ଜାଲ୍ ମଧ୍ୟ କହିଲେ । ହାୟ ! ଏହି ମୂର୍ଖ ଲୋକମାନେ ଏହା ବୁଝିବାରେ ବିଫଳ ହେଲେ ଯେ ଯେଉଁ ବ୍ୟକ୍ତି ଖୁଦାଙ୍କଠାରୁ ଏହି ଈଶ୍ୱରୀୟ ଶବ୍ଦ ଶୁଣେ **କୁଲ୍ ଇନ୍ନି ଉମିର୍‌ତୁ ୱ ଅନା ଅୱ୍ୱଲୁଲ୍ ମୁମିନିନା** ଏବଂ **ଅନ୍‌ତା ମିନ୍ନି ବିମନ୍‌ଜିଲତି ତୌହିଦି ୱ ତଫ୍‌ରିଦି,** ସେ ସେହି ବିରୋଧିମାନଙ୍କ ତିକ୍ତଭାଷା ଓ ଗାଳିଗୁଲଜର କଣ ବା ପରବାଏ କରିପାରେ । ଦୁଃଖର କଥା ତ ଏହା କି ଏହି ମୂର୍ଖମାନଙ୍କୁ ଏକଥା ମଧ୍ୟ ଜଣାନାହିଁ ଯେ କୁଫର୍ (ଅର୍ଥାତ ଅବିଶ୍ୱାସ) ଏବଂ ଇମାନ୍ (ଅର୍ଥାତ ବିଶ୍ୱାସ)ର ସମ୍ବନ୍ଧ ଏହି ଜମାତ ସହିତ ସମ୍ବନ୍ଧିତ ନୁହେଁ; ବାସ୍ତବରେ ତାହା ଅଲ୍ଲାଃଙ୍କ ସହିତ ଜଡ଼ିତ ଏବଂ ଅଲ୍ଲାଃ ତାଲା ମୋର ବିଶ୍ୱାସ ଓ ମୋର ମାମୁର୍ ହେବାର ତସ୍‌ଦିକ୍ କରୁଛନ୍ତି । ତେବେ ମୁଁ ସେମାନଙ୍କର ଏହି ଅବୋଧ ଆଚରଣର କାହିଁକି ପରବାଏ କରିବି ? ଅତଏବ ଏହି ତଥ୍ୟଗୁଡ଼ିକ ସ୍ୱଷ୍ଟ ଭାବରେ ଦର୍ଶାଉଛି ଯେ ଏମାନେ ମୋତେ ବିରୋଧ କରୁନଥିଲେ ବରଂ ଖୁଦାଙ୍କ ଆଦେଶକୁ ବିରୋଧ କରିଛନ୍ତି । ଏହି କାରଣ ଯୋଗୁଁ, ଯେଉଁମାନେ ମାମୁର୍ ମିନଲ୍ଲାଃ ଅର୍ଥାତ ଅଲ୍ଲାଃଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସଂସ୍କାରକଙ୍କ ବିରୋଧ କରିଥାନ୍ତି, ସେମାନଙ୍କ ଇମାନ୍ ନଷ୍ଟ ହୋଇଯାଇଥାଏ । ଏଥିରୁ ସ୍ୱଷ୍ଟ ହେଲା ଯେ ମୋ ବିରୋଧିମାନେ ପ୍ରକୃତରେ ଈଶ୍ୱରଙ୍କୁ ବିରୋଧ କରୁଛନ୍ତି । ମୁଁ ଆଲୋକ ଆଡ଼କୁ ଅଗ୍ରସର ହେଉଅଛି ଓ ବାସ୍ତବିକ ମୁଁ ଆଲୋକ ଆଡ଼କୁ ଅଗ୍ରସର ହେଉଅଛି କାରଣ ଖୁଦାତାଲାଙ୍କ ଅସୁମାରି ସଙ୍କେତ (ନିଦର୍ଶନ) ମୋ ସମର୍ଥନରେ ପ୍ରକାଶିତ ହୋଇସାରିଛନ୍ତି ଓ ଏବେ ମଧ୍ୟ ପ୍ରକାଶିତ ହୋଇଚାଲିଛି । ବର୍ଷା ପରି ସଦୃଶ ଏହି ନିଦର୍ଶନଗୁଡ଼ିକ ଆକାଶରୁ ଅବତରଣ ହେଉଛନ୍ତି । ତେବେ ଏହା ମଧ୍ୟ ନିଶ୍ଚିତ ଯେ ମୋ ବିରୋଧିମାନେ ଅନ୍ଧକାର ଆଡ଼କୁ ମାଡ଼ି ଚାଲିଛନ୍ତି । ଆଲୋକ ଏବଂ ଜ୍ୟୋତି ରୁହୁଲ୍ କୁଦୁସ୍ (ଅର୍ଥାତ ପବିତ୍ର ଆତ୍ମା)ଙ୍କୁ ଆକର୍ଷିତ କରିଥାଏ ଯେବେ କି ଅନ୍ଧକାର ଶଇତାନର ନିକଟବର୍ତ୍ତୀ କରାଏ । ସେହିପରି ଜଣେ ୱଲି (ସାଧୁ)ଙ୍କ ବିରୋଧ କରିବା ବିଶ୍ୱାସକୁ ହରାଇ ବସେ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୭୫ ପ୍ରକାଶନ୨୦୧୮ କାଦିୟାନ)***

## ନବୀ ସ:ଆ:ସଙ୍କ ବାଣୀ

✲ ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ତକ୍‌ବିର୍ ଏବଂ କିର୍‌ଆତ୍ (ନମାଜରେ ପବିତ୍ର କୁର୍‌ଆନ୍‌ର ଆୟତ ପାଠ କରିବା) ମଧ୍ୟରେ କିଛି ସମୟ ନିରବ ରହନ୍ତି । ମୁଁ ଜାଣିବାକୁ ଚାହିଁଲି: ହେ ଅଲ୍ଲାଃଙ୍କ ରସୁଲ ! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗୀ । ତକ୍‌ବିର୍ ଏବଂ କିର୍‌ଆତ୍‌ର ମଧ୍ୟ ଭାଗରେ ଆପଣ ଯେତେବେଳେ ନିରବ ରହୁଛନ୍ତି, ସେତେବେଳେ କଣ ପଢୁଛନ୍ତି ? ଆପଣ ସ:ଆ:ସ କହିଲେ: ମୁଁ ଏହା କହୁଛି:

''ଅଲ୍ଲାହୁମ୍ମା ବାଇଦ୍ ବଇନି ୱ ବଇନା ଖତାୟାୟା କମା ବାଅତ୍‌ତା ବଇନଲ୍ ମଶ୍‌ରିକି ୱଲ୍ ମଗ୍‌ରିବି ଅଲ୍ଲାହୁମ୍ମା ନକ୍‌କିନି ମିନଲ୍ ଖତାୟା କମା ୟୁନକ୍‌କସ୍ ସୌବୁଲ୍ ଅବ୍‌ୟଜୁ ମିନଦ୍ ଦନସି ଅଲ୍ଲାହୁମ୍ମଗ୍‌ସିଲ୍ ଖତାୟାୟା ବିଲ୍ ମାଇ ୱସ୍ ସଲ୍‌ଜି ୱଲ୍ ବରଦି'' ଅର୍ଥାତ:- ହେ ମୋର ଅଲ୍ଲାଃ ! ମୋ ଦୋଷ ଦୃବଳତା ଓ ମୋ ମଧ୍ୟରେ ଏତେ ଦୂରତା ସୃଷ୍ଟି କରିଦିଅନ୍ତୁ ଯେତେ ଦୁରତା ତୁମ୍ଭେ ପୂର୍ବ ଓ ପଶ୍ଚିମ ମଧ୍ୟରେ ରଖଅଛ । ହେ ମୋର ଅଲ୍ଲାଃ ! ମତେ ଦୋଷ ଦୃବଳତାରୁ ଏପରି ପବିତ୍ର ଓ ସ୍ୱଚ୍ଛ କରିଦିଅ ଯେପରି ଧଳା କନାକୁ ମଇଳା ମଇଳାରୁ ପବିତ୍ର ଓ ସଫା କରି ଦିଆଯାଇଥାଏ । ହେ ମୋର ଅଲ୍ଲାଃ ! ମୋ ଦୋଷ ଦୃବଳତା ସବୁକୁ ପାଣି, ବରଫ ଏବଂ କୂଆ ପଥର ଦ୍ୱାରା ଧୋଇ ଦିଅନ୍ତୁ ।

✲ ହଜ୍‌ରତ୍ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବି କରିମ୍ ସ:ଆ:ସ, ହଜ୍‌ରତ୍ ଅବୁବକର ଏବଂ ହଜ୍‌ରତ୍ ଉମର୍ ରଜିୟଲ୍ଲାହୁ ଅନ୍‌ହୁମା ନମାଜ୍‌ର ପ୍ରାରମ୍ଭ ଅଲ୍‌ହମ୍‌ଦୁଲିଲ୍ଲାହି ରବ୍‌ବିଲ୍ ଆଲମିନ୍‌ରୁ କରୁଥିଲେ । (ଅର୍ଥାତ ବିସ୍‌ମିଲ୍ଲାଃ ଉଚ୍ଚ ସ୍ୱରରେ ପଢୁନଥିଲେ) ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଅଜାନ୍ ବାବ୍ ମା ୟକୁଲୁ ବାଦତ୍ ତକ୍‌ବିର୍)***

## ମସ୍‌ଜିଦ୍‌ଗୁଡ଼ିକୁ ବିଭ୍ରାଟର ଉତ୍ପତିସ୍ଥଳି ବନାଇବା ହେଉଛି ଏକ ବିପଦପୂର୍ଣ୍ଣ ଅତ୍ୟାଚାର, ଇସ୍‌ଲାମ୍ କୌଣସି କ୍ଷେତ୍ରରେ ମଧ୍ୟ ଏହାର ଅନୁମତି ଦିଏନାହିଁ ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ବକ୍‌ରାଃର ଆୟତ ନଂ ୧୧୫ର ତଫ୍‌ସିର୍ (ବ୍ୟାଖ୍ୟା) କରି ବର୍ଣ୍ଣନା କରିଛନ୍ତି ଯେ:

ଯେହେତୁ ଏହି ଲୋକମାନେ ଆମ୍ଭ ଘରକୁ ବର୍‌ବାଦ୍ କରିଦେବାକୁ ଚାହୁଁଛନ୍ତି ତେଣୁ ଆମ୍ଭେ ମଧ୍ୟ ସେମାନଙ୍କ ଘରକୁ ବର୍‌ବାଦ୍ କରିଦେବୁ । ପୁଣି ଏମାନେ ଏ ଦୁନିଆରେ ମଧ୍ୟ ଅପମାନିତ ହେବେ ଏବଂ ଆଖିରତ (ପରକାଳ) ରେ ମଧ୍ୟ ଏମାନଙ୍କୁ ବଡ଼ ଦଣ୍ଡ ମିଳିବ । କାରଣ ବୈକୁଣ୍ଠ ହେଉଛି ଈଶ୍ୱରଙ୍କ ଘର, ଯାହାର ପ୍ରତିବିମ୍ବ ହେଉଛି ମସ୍‌ଜିଦ୍ । ଯେତେବେଳେ ସେମାନେ ମସ୍‌ଜିଦ୍‌ଗୁଡ଼ିକୁ ଜନଶୂନ୍ୟ କରିଦେଲେ, ସେତେବେଳେ ତାଙ୍କୁ ଆରପାରିରେ କେବେ ଶାନ୍ତି ମିଳିପାରିବ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ମସ୍‌ଜିଦ୍‌ରେ ଶରଣ ନେଇଥିବା ଲୋକମାନଙ୍କୁ ଇସ୍‌ଲାମୀୟ ଶରିୟତ୍ କାନୁନ୍‌ଠାରୁ ଉର୍ଦ୍ଧ୍ୱରେ ମଣିଥାଏ । ଅଲ୍ଲାଃ ତାଲା ସୁରଃ ତୌବାଃ (ରୁକୁ ନଂ-୧୩)ରେ କେତେକ ଏପରି ଲୋକମାନଙ୍କର ଚର୍ଚ୍ଚା କରିଛନ୍ତି, ଯେଉଁମାନେ ପ୍ରଚଳିତ ସରକାର ଅର୍ଥାତ ରସୁଲେ କରିମ୍ ସ:ଆ:ସ ଓ ଆପଣ ସ:ଆ:ସଙ୍କ ଯମାତ୍ ବିରୁଦ୍ଧରେ ଗୁପ୍ତ କାରବାର କରିବାପାଇଁ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରିଥିଲେ ଏବଂ ନିଜେ ରସୁଲେ କରିମ୍ ସ:ଆ:ସଙ୍କ ଗୋଚରରେ ଏ ନିବେଦନ ମଧ୍ୟ

କରିଥିଲେ ଯେ ଆପଣ ସ:ଆ:ସ ଆସି ସେଥିରେ ନମାଜ ପଢ଼ନ୍ତୁ ଓ ଦୁଆ କରନ୍ତୁ । କିନ୍ତୁ ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କ ଉପରେ ପ୍ରକୃତ ସତ୍ୟକୁ ଉନ୍ମୋଚନ କରିଦେଲେ ଓ ବତାଇ ଦେଲେ ଯେ ଏ ଲୋକମାନେ ଏହି ମସ୍‌ଜିଦ୍‌କୁ କେବଳ ଏଥିପାଇଁ ତିଆରି କରିଛନ୍ତି ଯେ ସେମାନଙ୍କ କପଟତା ଉପରେ ପରଦା ପଡ଼ିରହୁ ଏବଂ ଏହି ଲୋକମାନେ ସେଥିରେ ଏକାଠି ହୋଇ ଇସ୍‌ଲାମ୍ ବିରୁଦ୍ଧରେ ଯୋଜନା କରିଚାଲିବେ ଏବଂ ମୁସଲମାନମାନଙ୍କୁ ନିପାତ କରିବେ । ତେଣୁ ରସୁଲେ କରିମ୍ ସ:ଆ:ସ ସେହି ମସ୍‌ଜିଦ୍‌ଟିକୁ ଭଙ୍ଗାଇ ଦେଲେ ଓ ସେହି ସ୍ଥାନରେ ସାରଗଦା କରାଇଦେଲେ । ଅତଏବ୍ ମସ୍‌ଜିଦ୍ ସ୍ୱୟଂ କୌଣସି ଅପରାଧିକୁ ବଚାଂଇ ପାରିବ ନାହିଁ । ଯଦି ମସ୍‌ଜିଦ୍‌ରେ କୌଣସି ଖରାପ କାମ କରାଯାଏ, ତେବେ ତାହାକୁ ଖରାପ ବୋଲି ବୁଝାଯିବ ଏବଂ ଯଦି ଭଲକାମ କରାଯାଏ ତେବେ ତାକୁ ଭଲ ବୋଲି ବୁଝାଯିବ । ବରଂ ଅନ୍ୟ ମସ୍‌ଜିଦ୍ ଗୁଡ଼ିକୁ ଅଲଗା ରଖନ୍ତୁ, ରସୁଲେ କରିମ୍ ସ:ଆ:ସ ହର୍‌ମେ କାବା ସମ୍ବନ୍ଧରେ ମଧ୍ୟ କହିଛନ୍ତି ଯେ ସେ କୌଣସି ଅପରାଧି ତଥା କାନୁନ୍ ବିରୋଧି ବ୍ୟକ୍ତିକୁ ଶରଣ ଦିଏନାହିଁ ନା ସେ କୌଣସି ହତ୍ୟାକାରୀକୁ ବଚାଂଇପାରେ ବରଂ ଏପରି ଲୋକେ ଧରାପଡ଼ିବେ ଓ ସେମାନଙ୍କୁ କାନୁନ୍ ଅଧିନରେ ଗିରଫ କରାଯିବ । ସୁତରାଂ ମକ୍କା ବିଜୟ ଅବସରରେ ଯେବେ ରସୁଲେ କରିମ୍ ସ:ଆ:ସଙ୍କୁ ଏ ଏତେଲା ମିଳିଲା ଯେ ଇବ୍‌ନେ ଅଖ୍‌ତଲ୍, ଯାହାକୁ ହତ୍ୟା କରିବାପାଇଁ ଆପଣ ସ:ଆ:ସ ନିର୍ଦ୍ଦେଶ ଦେଇଥିଲେ ସେ କାବାର ପର୍ଦ୍ଦାକୁ ଧରି ଛିଡ଼ା ହୋଇଥିଲା, ଆପଣ ସ:ଆ:ସ ନିର୍ଦ୍ଦେଶ ଦେଲେ ଯେ ତାକୁ ସେହି ସ୍ଥାନରେ ହତ୍ୟା କରିଦିଅ । ଅତଏବ୍ ତାକୁ ହତ୍ୟା କରିଦିଆଗଲା । ***(ସିରତ୍ ହଲ୍‌ବିୟା ଖଣ୍ଡ-୩, ପୃ-୯୩)*** । ତେଣୁ ଯଦି କିଛି ଅପରାଧିମାନଙ୍କୁ ରସୁଲେ୍ କରିମ୍ ସ:ଆ:ସ ଖାନାକାବାଠାରେ ହିଁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ତେବେ ଅନ୍ୟ ମସ୍‌ଜିଦ୍ ଗୁଡ଼ିକ ଖାନା କାବାର ମୁକାବିଲାରେ କଣ ମାନ ରଖିଛନ୍ତି ଯେ ସେଥିରେ ଆଇନ୍ ବିରୋଧି କାର୍ଯ୍ୟ କରୁଥିବା ଲୋକମାନଙ୍କୁ କାନୁନ୍‌ଠାରୁ ଉର୍ଦ୍ଧରେ ବୁଝାଯିବ । ବସ୍ତୁତଃ ମସ୍‌ଜିଦ୍‌ଗୁଡ଼ିକୁ ତକ୍‌ୱା (ଧର୍ମ ପରାୟଣତା)ର ସ୍ଥାପନା ନିମନ୍ତେ ନିର୍ମାଣ କରାଯାଇଅଛି ନା କି କାନୁନ୍ ଭାଙ୍ଗିବା ପାଇଁ ଯଦି ମସ୍‌ଜିଦ୍‌ଗୁଡ଼ିକ ମଧ୍ୟ କାନୁନ୍ ଭାଙ୍ଗିବାର ଆଡ୍ଡାସ୍ଥଳୀ ହୋଇଯାଏ, ତେବେ ପୁଣି ଶଇତାନ୍ ପାଇଁ ତ କୌଣସି ଘର ମଧ୍ୟ ବନ୍ଦ ରହିବ ନାହିଁ । ଯେଉଁ ଘରକୁ ଖୁଦାତାଲା ଶାନ୍ତି ନିମନ୍ତେ, ହୃଦ୍‌ବୋଧ ପାଇଁ, ଆଧ୍ୟାତ୍ମିକତା ପାଇଁ, ତକ୍‌ୱା ପ୍ରତିଷ୍ଠ ପାଇଁ, ସାହାଯ୍ୟ ସହଯୋଗ ଏବଂ ଆପୋଷ ମୈତ୍ରୀଭାବ ପାଇଁ ବନାଇଛନ୍ତି, ସେହି ଘରଗୁଡ଼ିକୁ ସେମାନେ ମୁସଲମାନମାନଙ୍କ ମଧ୍ୟରେ ବିଭ୍ରାଟ ସୃଷ୍ଟି କରିବାପାଇଁ ମାଧ୍ୟମ ବନାଇ ଦେଲେ, ସେହି ଘରଗୁଡ଼ିକୁ ସରକାରଙ୍କ ସହିତ ବିଦ୍ରୋହ କରିବାର ଜରିଆ ବନାଇଲେ, ତଥା ସେହି ଘରକୁ ଫିତ୍‌ନା ଫିସାଦ୍ (ଉପଦ୍ରବ)ର ମୂଳଦୂଆ ରଖିବାର ସ୍ଥାନ ବନାଇ ଦେଲେ । ଏହା ଏକ ଭୟଙ୍କର ଅତ୍ୟାଚାର, ଯାହାର ଅନୁମତି ଇସ୍‌ଲାମ୍ କୌଣସି କ୍ଷେତ୍ରରେ ମଧ୍ୟ ଦିଏନାହିଁ ।

***(ତଫ୍‌ସିର୍ କବୀର, ଖଣ୍ଡ-୨, ପୃ-୧୩୩-୧୩୪, ମୁଦ୍ରଣ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ବାକି କୌଣସି ଲୋକ ବୈକୁଣ୍ଠକୁ ନେଇ ଯିବେ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ହଁ ଅଲ୍ଲାଃ ତାଲା ଏହା ଜରୁର କହିଛନ୍ତି ଯେ, ତୁମେ ଆଁ ହଜ୍‌ରତ୍ ସଁ:ଆ:ସଙ୍କୁ ମାନ ଓ ତାଙ୍କ ଶିକ୍ଷା ଉପରେ ପରିଚାଳିତ ହୁଅ । ପବିତ୍ର କୁର୍‌ଆନ୍‌ରେ ଲେଖା ହୋଇଛି ଯେ, ପ୍ରକାଶ୍ୟ ନମାଜ ପଢ଼ିନେବା ଓ ମୁସଲମାନ ହୋଇଯିବା ଯଥେଷ୍ଟ ନୁହେଁ ପବିତ୍ର କୁର୍‌ଆନ୍‌ରେ ଏକଥା ଲେଖା ହୋଇଛି ଯେ, **ଫଓ୍ୱିଲୁଲ୍ ଲିଲ୍ ମୁସଲ୍ଲିନ୍** ଅର୍ଥାତ ଏପରି ନମାଜ ଧ୍ୱଂସ ହେବାର କାରଣ ସାଜିଥାଏ ଏପରି ନମାଜ ଦ୍ୱାରା ଦଣ୍ଡ ମିଳିଥାଏ । କେବଳ କଲ୍‌ମା ପଢ଼ିବା ଦ୍ୱାରା କେହି ମୁସଲମାନ ହୁଏନାହିଁ । ସିର୍କ କରିବନାହିଁ ଏହା ବହୁତ ବଡ଼ ଅପରାଧ ଅଲ୍ଲାଃ ତାଲା କହୁଛନ୍ତି ଯେ, ଯଦି କିଏ ସିର୍କ କରୁଛି ତେବେ ମୁଁ ତାକୁ କ୍ଷମା ଦେବିନାହିଁ କିନ୍ତୁ ଅସଲ କଥା ହେଉଛି ଏହା ଯେ, ମୁସଲମାନ ହୋଇ ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ ହେବା ମଧ୍ୟ ଜରୁରୀ ବୈକୁଣ୍ଠ ଓ ନର୍କର ନିଷ୍ପତି ଅଲ୍ଲାଃ ତାଲା କରିବେ । ଏ ଦୁନିଆରେ କୌଣସି ବ୍ୟକ୍ତି ମଧ୍ୟ ବତାଇ ପାରିବ ନାହିଁ ଯେ, କିଏ ବୈକୁଣ୍ଠକୁ ଯିବ ଆଉ କିଏ ନର୍କକୁ ଯିବ । ତେଣୁ ସର୍ବଦା ଇସ୍‌ତିଗ୍‌ଫାର୍ କରିବା ଜରୁରୀ ଓ ନିଜର ଶେଷ ପରିଣାମ ଉତମ ହେବାପାଇଁ ପ୍ରାର୍ଥନା କରିବା ଉଚିତ ।

ଜଣେ ଖାଦିମ୍ ପଚାରିଲେ ଯେ, କଣ ହଜୁର ଅନଓ୍ୱର ଅ:ବ:ଅ ତୃତୀୟ ବିଶ୍ୱଯୁଦ୍ଧ ପାଇଁ କିଛି ପ୍ରସ୍ତୁତି କରିଛନ୍ତି କି ? ଆମକୁ କି ପ୍ରକାରର Measures ଆପଣାଇବା ଉଚିତ ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: କଣ ତୁମେ ମୋ ଖୁତ୍‌ବାକୁ ଶୁଣୁନାହଁ ? ମୁଁ ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କୁ ବହୁତ ଗୁଡ଼ିଏ ଅଭିଭାଷଣ ପ୍ରଦାନ କରିଛି ସେଥିରେ ମୁଁ ଏକଥା କହିଚାଲିଛି ଯେ, ଆମେ ବହୁତ କ୍ଷିପ୍ରତାର ସହିତ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଉଛେ । ଏବେ ତ ସାଂସାରିକ ଲୋକମାନେ ଓ ଅନ୍ୟ ବଡ଼ ବଡ଼ ବ୍ୟକ୍ତି ବିଶେଷ ମଧ୍ୟ ଏହା କହିବାକୁ ଲାଗିଗଲେଣି ବାକି ଯେଉଁ Measures ଅଛି ସେ ସନ୍ଦର୍ଭରେ ମୁଁ ପୂର୍ବରୁ କହିସାରିଛି ଯେ, ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ ତେବେ ସମ୍ଭବତଃ ଏହି ଯୁଦ୍ଧ ପରମାଣୁ ଯୁଦ୍ଧ ହେବ ତେଣୁ ଏଥିପାଇଁ ଅତିକମ୍‌ରେ ଯେଉଁ ବାହ୍ୟ ଉପଚାର ରହିଛି ତାହାକୁ ତୁମେମାନେ କର । ମୁଁ ହୋମିଓପାଥି ଔଷଧ ମଧ୍ୟ ବତାଇଥିଲି ତାକୁ ଖାଅ ଦ୍ୱିତୀୟତଃ କିଛି ସମୟ ପାଇଁ ଅର୍ଥାତ ଦୁଇ ତିନିମାସ ପାଇଁ ନିଜର ରାସନ ପାଣି ଇତ୍ୟାଦି ମଧ୍ୟ ଯୋଗାଡ କରି ନିଜ ପାଖରେ ରଖ । ଯମାତ୍‌ଗୁଡ଼ିକୁ ସର୍କୁଲାର କରାଯାଇଛି ଯେ, Measures ନିଅନ୍ତୁ ଏବଂ ଖାଇବା ପିଇବାର ସାମାନଗୁଡ଼ିକ ସାଇତି ରଖନ୍ତୁ । ମୁଁ ତ ବିଗତ ପାଂଚ ଛଅ ମାସ ହେବ ଏକଥା କହୁଛି । ଭିନ୍ନ ଭିନ୍ନ ସମୟରେ ଏହାର ଆବଶ୍ୟକତା ମଧ୍ୟ ରହିଛି ପ୍ରାକୃତିକ ଆପଦା, ବାତ୍ୟା ଏବଂ Hurricane ଇତ୍ୟାଦି ଆସୁଛି ତେଣୁ ଏହି ସବୁ କଥାଗୁଡ଼ିକୁ ସାମ୍‌ନାରେ ରଖ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମେ ତ ବାହ୍ୟ ଓ ପ୍ରାଥମିକ ସ୍ତରରେ ଏତିକି ହିଁ କରିପାରିବା ବାକି ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା କର ଯେ, ସେ ଆମକୁ ଏହିସବୁ ବିପତିରୁ ବଂଚାନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ, ଯୁଦ୍ଧ ଗୁଡ଼ିକ ମଧ୍ୟ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସତ୍ୟତା ପାଇଁ ପେଶ୍‌ଗୋଇ ଭାବେ ଅନୁଷ୍ଠିତ ହେବ ପୂର୍ବରୁ ମଧ୍ୟ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ହୋଇସାରିଛି ତେଣୁ ତୁମେମାନେ ପୂଣ୍ୟବାନ ହୋଇଯାଅ । ଯେ ପର୍ଯ୍ୟନ୍ତ ତୁମେ ପୂଣ୍ୟ କରୁଥିବ ସେ ପର୍ଯ୍ୟନ୍ତ ଏହି ଅଗ୍ନୀରୁ ବଂଚିପାରିବ । ଯଦି ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ରଖିବ ତେବେ ଅଲ୍ଲାଃ ତାଲା ତୁମକୁ ବଂଚାଇବେ ବା ଅତିକମ୍‌ରେ ସେ ପର୍ଯ୍ୟନ୍ତ ସୁରକ୍ଷିତ ରଖିବେ କି ଯଦି କିଛି ହୋଇଯାଏ ମଧ୍ୟ ତେବେ ଅଲ୍ଲାଃ ତାଲା ପରକାଳରେ ତୁମମାନଙ୍କ ସହିତ ଉତମ ବ୍ୟବହାର କରିବେ । ଯେତେବେଳେ ଯୁଦ୍ଧ ହୋଇଥାଏ ସେତେବେଳେ ଏକ ପ୍ରାକୃତିକ କୁପ୍ରଭାବ ପ୍ରକାଶ ହୁଏ କିନ୍ତୁ ଏଥିରୁ ବଂଚିବାପାଇଁ ଆମେ ଯେଉଁ ପ୍ରକାରର ବାହ୍ୟ ଚେଷ୍ଟା କରିପାରିବା ତାହା କରିବା ଉଚିତ । ରେଡ଼ିଏସନ୍ ରୁ ବଂଚିବା ପାଇଁ ଔଷଧ ମଧ୍ୟ ଅଛି, ଭୋକରୁ ବଂଚିବାପାଇଁ କିଛିଟା ରାସନପାଣି ମଧ୍ୟ ରହିଛି ବାକି ରହିଲା ଏ କଥା ଯେ, ଅଲ୍ଲାଃଙ୍କୁ ପ୍ରେମ କର ଓ ଅଲ୍ଲାଃଙ୍କ ସହିତ ସମ୍ପର୍କ ରଖ ଏହା ହେଉଛି ସବୁଠାରୁ ବଡ଼ Measure ।

ତା'ପରେ ଜଣେ ଖାଦିମ୍ ପଚାରିଲେ ଯେ, ଆମ ମୁସଲମାନ ରାଷ୍ଟ୍ରଗୁଡ଼ିକରେ ବିଶେଷଭାବେ ଯେଉଁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ରହିଛି, ସେଥିରେ ବମ୍‌ବ୍ଲାଷ୍ଟ ଇତ୍ୟାଦି ମଧ୍ୟ କରାଯାଉଛି ଏହା ଦ୍ୱାରା କେତେକ ପିଲା ମଧ୍ୟ ଅନାଥ ହୋଇଯାଉଛନ୍ତି । ୟୁରୋପରେ ଏହିଭଳି ପିଲାମାନଙ୍କର ଭରଣପୋଷଣର ଦାୟିତ୍ୱ ସରକାର ନେଉଛନ୍ତି କିନ୍ତୁ ସେଠାରେ ଏପରି ହେଉନାହିଁ । ତେଣୁ ସେମାନଙ୍କର ଖରାପ ସୋସାଇଟିର ପ୍ରଭାବ ପଡ଼ିବାର ଅଧିକ ଚାନ୍ସ ଅଛି । ସେହିପରି ଯେତେବେଳେ ସେମାନେ ଖରାପ ସୋସାଇଟିରେ ପଡୁଛନ୍ତି ଓ ଭୁଲ୍ କାମ କରୁଛନ୍ତି ସେତେବେଳେ ପୁଣି ସାଧାରଣତଃ ଏ ଭାବନା ଯାତ ହୋଇଥାଏ ଯେ, ଅଲ୍ଲାଃ ତାଲାଙ୍କ ତରଫରୁ ସେମାନଙ୍କୁ ଦଣ୍ଡ ମଧ୍ୟ ମିଳିବ ଓ ସେମାନେ ନର୍କଗାମି ହେବେ । ଯେବେକି ସେମାନଙ୍କ ପିଲାମାନଙ୍କର ତ କୌଣସି ଭୁଲ୍ ନାହିଁ ସେମାନଙ୍କର ମାଆ ବାପା ସେମାନଙ୍କଠାରୁ ଦୁରେଇ ଯାଉଛନ୍ତି ସେମାନେ ସେତେବେଳେ ତ ନଷ୍ପାପ ହୋଇଥାଆନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ସେଥିପାଇଁ ପବିତ୍ର କୋରାନ୍‌ରେ ଅଲ୍ଲାଃ ତାଲା ନିର୍ଦ୍ଦେଶ ଦେଇଛନ୍ତି ଯେ, ଅନାଥ ମାନଙ୍କର ଦେଖାଶୁଣା କର ଏହିଭଳି ପିଲାମାନଙ୍କୁ ଖରାପ ସୋସାଇଟରେ ପକାଉଥିବା ଲୋକମାନେ ମଧ୍ୟ ପାପି ହେବେ ଏବଂ ସେମାନଙ୍କୁ ଏହାର ଦଣ୍ଡ ମିଳିବ । ବାକି ଅଲ୍ଲାଃ ତାଲାଙ୍କ କରୁଣା ତ ବହୁତ ବ୍ୟାପକ ଯଦି କୌଣସି ପିଲା ଏହିଭଳି ପରିବେଶ ଯୋଗୁଁ ଦୋଷି ନୁହେଁ ତେବେ ଆମେ କଣ ଜାଣିଛେ ଯେ, ଅଲ୍ଲାଃ ତାଲା ତାଙ୍କ ସହିତ କି ପ୍ରକାର ବ୍ୟବହାର କରିବେ ? ମୁଁ ଏବେ ଏବେ ଉଦାହରଣ ମଧ୍ୟ ଦେଇଛି ଯେ, ପ୍ରତ୍ୟେକ ପ୍ରକାଶ୍ୟ ରୂପେ ଭଲ କାମ କରୁଥିବା ବ୍ୟକ୍ତି ବୈକୁଣ୍ଠକୁ ଯିବ ଏବଂ ପ୍ରତ୍ୟେକ ଏପରି ଖରାପ କାର୍ଯ୍ୟ କରୁଥିବା ବ୍ୟକ୍ତି ନର୍କକୁ ଯିବ, ଏହାର ନିଷ୍ପତି ତ ଅଲ୍ଲାଃ ତାଲା ହିଁ କରିବେ ବାକି ଅଲ୍ଲାଃ ତାଲାଙ୍କ କରୁଣା ବହୁତ ବ୍ୟାପକ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହଜ୍‌ରତ୍ ସାଆଦ୍ ର:ଅ ଯିଏ ବଦର ଯୁଦ୍ଧ ସମୟରେ ବିଲ୍‌କୁଲ୍ ଜଣେ ଯୁବକ ଥିଲେ ଓ ଯାହାଙ୍କ ହାତରେ ପରବର୍ତ୍ତୀ ସମୟରେ ଇରାନ୍‌କୁ ଜିଣା ଯାଇଥିଲା, ଯିଏ କୁଫା ସହରର ପ୍ରତିଷ୍ଠାତା ଓ ଇରାକ୍‌ର ଗଭର୍ଣ୍ଣର ହୋଇଥିଲେ । କିନ୍ତୁ ତାଙ୍କ ଦୃଷ୍ଟିରେ ଏହି ସମସ୍ତ ସମ୍ମାନ ଓ ଗୌରବ ବଦର ଯୁଦ୍ଧରେ ସାମିଲ ହେବା ମୁକାବିଲାରେ ବିଲ୍‌କୁଲ୍ ତୁଚ୍ଛ ଥିଲା ।**

**ପ୍ରାରମ୍ଭିକ ଇସ୍‌ଲାମ୍‌ର ଇମାନ୍ ଆଣିଥିବା, ମକ୍କାରେ ଥିବା ସମୟରେ ଦୁଃଖ କଷ୍ଟ ସହନ କରିଥିବା, ନବୀ ଅକ୍‌ରମ୍‌ଙ୍କ ସୁରକ୍ଷା ଦାୟିତ୍ୱ ତୁଲାଇଥିବା, ଇସ୍‌ଲାମ୍ ଧର୍ମ ଏବଂ ଖିଲାଫତ୍‌ର ନିଷ୍ଠାବାନ ପୁରୁଷ, ଯାହାଙ୍କ ପ୍ରାର୍ଥନା ଗ୍ରହଣୀୟ ହୋଇଥିଲା, ଇସ୍‌ଲାମ୍‌ର ଘୋଡ଼ା ଉପାଧି ପାଇଥିବା, ଇରାକ୍ ଦେଶକୁ ଜିଣିଥିବା ବ୍ୟକ୍ତି, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମହାନ ବଦ୍‌ରି ସାହାବି ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ସୁଗୁଣର ଚର୍ଚ୍ଚା**

**ଚାରିଜଣ ମରହୁମୀନ୍ (ମୃତକ) ମୋକରମ୍ ସଫ୍‌ଦର ଅଲୀ ଗୁଜର୍ ସାହେବ୍ (ପ୍ରଶିଦ୍ଧ ପଞ୍ଜାବୀ ନଜମ୍ ଗାୟକ, ଜିଆଫତ୍ ବିଭାଗର ନିସ୍ୱାର୍ଥପର କର୍ମୀ ଓ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଓ ଅଖ୍‌ବାର୍ ଅହ୍‌ମଦୀୟା ୟୁ.କେ ର କର୍ମୀ) ମୋକରମା ଇଫତ୍ ନସିର୍ ସାହିବା ପତ୍ନୀ ପ୍ରଫେସର ନସିର୍ ଅହେମଦ୍ ଖାଁ ସାହେବ ମରହୁମ୍, ମୋକରମ୍ ଅବ୍‌ଦୁର୍ ରହିମ୍ ସାକି ସାହେବ୍ (ଜେନେରାଲ୍ ସେକ୍ରେଟାରୀ କାର୍ଯ୍ୟାଳୟର କର୍ମୀ) ଏବଂ ମୋକରମ୍ ସଇଦ୍ ଅହେମଦ୍ ସହ୍‌ଗଲ୍ ସାହେବ (ପ୍ରାଇଭେଟ ସେକ୍ରେଟାରୀଙ୍କ ଡ଼ାକ ଡ଼େସ୍‌ପାଚ ବିଭାଗର ସ୍ୱେଚ୍ଛାକୃତ କର୍ମୀ)ଙ୍କ ସୁଗୁଣର ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୧୪ ଅଗଷ୍ଟ ୨୦୨୦ ଅନୁଯାୟୀ ୧୪ ଜହୁର୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ଦୁଇ ସପ୍ତାହ ପୂର୍ବେ ଖୁତ୍‌ବା ଜୁମାରେ ମୁଁ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସଙ୍କ ଜୀବନି ଚର୍ଚ୍ଚା କରିଥିଲି, ଆଜି ମଧ୍ୟ ତାଙ୍କରି ଜୀବନି ଚର୍ଚ୍ଚା କରିବି । ଯୁଦ୍ଧର ଚର୍ଚ୍ଚା ଚାଲିଥିଲା, ଯୁଦ୍ଧ ସମୟରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସଙ୍କ ପତ୍ନୀ ହଜ୍‌ରତ୍ ସଲ୍‌ମା ବିନ୍‌ତେ ହଫ୍‌ସା ଦେଖିଲେ ଜଣେ କଏଦୀ ବେଡ଼ିରେ ବନ୍ଧା ହୋଇ ପଡ଼ିଥିଲା । କିନ୍ତୁ ଯୁଦ୍ଧରେ ସାମିଲ ହେବାପାଇଁ ତା ମନରେ ପ୍ରବଳ ଉତ୍କଣ୍ଠା ରହିଥିଲା । ତାହାର ନାମ ଅବୁ ମିହ୍‌ଜନ୍ ସକଫି ଥିଲା । ସେ ମଦ୍ୟପାନ କରିଥିବା ଯୋଗୁଁ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ଦେଶରୁ ବିତାଡ଼ିତ କରିବାର ବା ବହିଷ୍କାର କରିବାର ଦଣ୍ଡ ଦେଇଥିଲେ ଏବଂ ସେ ଆସି ଏଠାରେ ପହଂଚିଥିଲେ ଅର୍ଥାତ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ନିକଟରେ ପହଂଚିଥିଲେ । ସେଠାରେ ମଧ୍ୟ ପୂର୍ନରାୟ ମଦ୍ୟପାନ କରିବା ଯୋଗୁଁ ହଜ୍‌ରତ୍ ସାଆଦ୍ ତାଙ୍କୁ ଚାବୁକ ଦଣ୍ଡରେ ଦଣ୍ଡିତ କରିଥିଲେ ଅର୍ଥାତ ଚାବୁକ ର ପ୍ରହାର ତାଙ୍କୁ ଦିଆଯାଇଥିଲା ଏବଂ ଲୁହା ବେଡ଼ି ପିନ୍ଧାଇ ତାଙ୍କୁ ବନ୍ଦି କରିଦିଆଯାଇଥିଲା । ସେତେବେଳେ ଅବୁ ମିହ୍‌ଜନ୍ ସକଫି ସାଆଦ୍‌ଙ୍କ ଦାସି ଜହ୍‌ରାଙ୍କୁ ନିବେଦନ କଲେ କି ମୋ ବେଡ଼ି ଖୋଲି ଦିଅ କାରଣ ମୁଁ ଯୁଦ୍ଧରେ ସାମିଲ ହେବାକୁ ଚାହେଁ ଏବଂ ସେ କହିଲେ ପ୍ରଭୁଙ୍କ ରାଣ ଯଦି ମୁଁ ଜୀବିତ ରହିଲି ତେବେ ଫେରି ଆସି ନିଶ୍ଚିତ ରୂପେ ବେଡ଼ିରେ କବଳିତ ହୋଇଯିବି । ଦାସୀ ତା କଥାରେ ରାଜି ହୋଇ ବେଡ଼ି ଖୋଲିଦେଲେ । ଯଦ୍ୱାରା ସେ ସାଆଦ୍‌ଙ୍କ ଘୋଡ଼ାରେ ବସି ଯୁଦ୍ଧ କ୍ଷେତ୍ରକୁ ବାହାରିଗଲେ ଏବଂ ଶତୃର ଧାଡ଼ିରେ ପ୍ରବେଶ କରି ସିଧା ଧଳାରଙ୍ଗର ସବୁଠାରୁ ବଡ଼ ହାତି ଉପରେ ଆକ୍ରମଣ କରିଦେଲେ ଅର୍ଥାତ ଶତୃର ସେନାଧ୍ୟକ୍ଷ ଉପରେ ଆକ୍ରମଣ କରିଦେଲେ । ଏ ସବୁ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ଲକ୍ଷ୍ୟ କରୁଥିଲେ । ସେ କହିଲେ ଏ ଘୋଡ଼ା ତ ମୋର କିନ୍ତୁ ତା ଉପରେ ଅବୁ ମିହ୍‌ଜନ୍ ସକଫି ବସିଲା ପରି ମନେ ହେଉଛନ୍ତି । ଯେପରି କି, ପୂର୍ବେ ଆଲୋଚନା ହୋଇଥିଲା, ହଜ୍‌ରତ୍ ସାଆଦ୍ ରୋଗରେ ଆକ୍ରାନ୍ତ ହୋଇଥିବା ଯୋଗୁଁ ଉକ୍ତ ଯୁଦ୍ଧରେ ସିଧାସଳଖ ଭାବରେ ସାମିଲ ହୋଇପାରିନଥିଲେ ବରଂ ଦୂରରୁ ଏହାର ତତ୍ତ୍ୱାବଧାନ କରୁଥିଲେ । ସେ ଯାହା ହେଉ ଯୁଦ୍ଧ ତିନିଦିନ ପର୍ଯ୍ୟନ୍ତ ଅବ୍ୟାହତ ରହିଲା ଯୁଦ୍ଧ ସମାପ୍ତ ହେବା ପରେ ଅବୁ ମିହ୍‌ଜନ୍ ସକଫି ଫେରି ଆସି ବେଡ଼ି ପିନ୍ଧି ନେଲେ । ହଜ୍‌ରତ୍ ସାଆଦ୍ ତାଙ୍କୁ ଏହା କହି ସ୍ୱାଧିନ କରିଦେଲେ କି ଯଦି ତୁମେ ଆସନ୍ତାରେ ମଦ୍ୟପାନ କର ତେବେ ମୁଁ ତୁମକୁ କଠୋର ଦଣ୍ଡ ଦେବି । ସେ ପ୍ରତିଜ୍ଞା କଲେ ଯେ ମୁଁ ଭବିଷ୍ୟତରେ କଦାପି ମଦ୍ୟପାନ କରିବି ନାହିଁ ।

*(କିଶ୍‌ରା ମୁବଶିରାଃ ଲେଖକ- ବଶିର୍ ସାଜିନ, ପୃ-୮୫୦-୮୫୧)*

ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ଏହି ସମସ୍ତ ଘଟଣା ଚକ୍ର ହଜ୍‌ରତ୍ ଉମର୍ ର:ଅଙ୍କୁ ଲେଖି ଜଣାଇଥିଲେ । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ଯଦି ସେ ଭବିଷ୍ୟତରେ ଆଉ ମଦ୍ୟପାନ କରିବେ ନାହିଁ ବୋଲି ଶପଥ କରୁଛନ୍ତି ତେବେ ତାହାଙ୍କୁ ଦଣ୍ଡ ଦିଅନାହିଁ । ଅତଏବ ଅବୁ ମେହଜନ୍ ଆସନ୍ତାରେ ମଦ୍ୟପାନ ନ କରିବାର ଶପଥ କରିଥିଲେ । ଯଦ୍ୱାରା ସାଆଦ୍ ତାଙ୍କୁ ସ୍ୱାଧିନ କରିଦେଇଥିଲେ ।

ଉକ୍ତ ଘଟଣାର ବ୍ୟାଖ୍ୟା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏଭଳି ବର୍ଣ୍ଣନା କରିଛନ୍ତି ଯେ, ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ହଜୁର ସ:ଆ:ସଙ୍କ ବିଶେଷ ସାହାବାଗଣ ମଧ୍ୟରୁ ଜଣେ ଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ କାଳରେ ସେ ତାଙ୍କୁ ଇରାନୀ ସେନାର ମୁକାବିଲା ନିମନ୍ତେ ମୁସଲମାନମାନଙ୍କ ସେନାଧ୍ୟକ୍ଷ କରି ପ୍ରେରଣ କରିଥିଲେ । ଭାଗ୍ୟବସତଃ ତାଙ୍କ ଜଙ୍ଘରେ ଏକ ବଥ ବାହାରିଥିଲା, ଯାହାକି ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କୁ ବ୍ୟଥିତ କରିଥିଲା । ସମସ୍ତ ପ୍ରକାର ଉପଚାର କରିବା ସତ୍ତ୍ୱେ ସେଥିରୁ ତାଙ୍କୁ ଆରୋଗ୍ୟ ଲାଭ ହୋଇନଥିଲା । ଶେଷରେ ସେ ଚିନ୍ତା କଲେ ଯେ, ଯଦି ମୁଁ ଏପରି ଶଯ୍ୟାସାୟି ହୋଇ ରହେ ତେବେ ସମ୍ଭବତଃ ସୈନ୍ୟମାନଙ୍କ ମନବଳ ଦୁର୍ବଳ ହୋଇଯିବ କି ଆମର ସେନାଧ୍ୟକ୍ଷ ଆମ ସହିତ ନାହାନ୍ତି ଏବଂ ସେମାନେ ହତୋତ୍ସାହିତ ହୋଇଯିବେ ଅତଏବ ସେ ଗୋଟିଏ ଗଛମୂଳେ କୁଡ଼ିଆଟିଏ ପ୍ରସ୍ତୁତ କରିଥିଲେ ଯେପରି ଆମ ଏଠାରେ ଲୋକମାନେ ତୋଟା ଜଗୁଆଳି ମାନେ ତୋଟା ଜଗିବା ସମୟରେ କୁଡ଼ିଆ ପ୍ରସ୍ତୁତ କରି ରହିଥାନ୍ତି । ସେ ସେଠାରେ ବସି ରୁହନ୍ତି ମୁସଲମାନ ସେନା ତାଙ୍କୁ ଦେଖି ଆଶ୍ୱସ୍ତ ଲାଭ କରନ୍ତି ଯେ, ଆମ ସେନାପତି ଆମ ସାଥିରେ ସାମିଲ ଅଛନ୍ତି । ସେତିକିବେଳେ ଆପଣଙ୍କୁ ସୁଚନା ମିଳିଲା ଯେ, ଜଣେ ଆରବ ସର୍ଦ୍ଦାର ମଦ୍ୟପାନ କରିଛି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯଦିଚ ଇସ୍‌ଲାମ୍‌ରେ ମଦ୍ୟପାନ କରିବା ନିଷିଦ୍ଧ କିନ୍ତୁ ଆରବବାସୀ ମଦ୍ୟପାନ କରିବାରେ ଅଭ୍ୟସ୍ଥ ଥିଲେ ଏବଂ ଏହା ଯାହାର ଅଭ୍ୟାସରେ ପରିଣତ ହୋଇଯାଇଥିଲା ସେଥିରୁ ମୁକୁଳିବା ତାହା ପାଇଁ କଷ୍ଟସାଧ ଥିଲା । ଉକ୍ତ ସର୍ଦ୍ଦାର ମଧ୍ୟ ମାତ୍ର ଦୁଇ ତିନିବର୍ଷ ହେଲା ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଦୁଇ ତିନିବର୍ଷରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ପୁରାତନ ଅଭ୍ୟାସ ଦୂରେଇ ଯାଇନଥାଏ । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଙ୍କୁ ଯେତେବେଳେ ସୁଚନା ମିଳିଲା ଯେ ଉକ୍ତ ସର୍ଦ୍ଦାର ମଦ୍ୟପାନ କରିଛନ୍ତି ସେତେବେଳେ ସେ ତାଙ୍କୁ କଏଦ କରିବାର ଆଦେଶ ଶୁଣାଇଥିଲେ । ସେହି ସମୟରେ କାରାଗାର ନଥିଲା ଯେଉଁଠାରେ କଏଦୀମାନଙ୍କୁ ବନ୍ଦୀ କରି ରଖାଯାଇ ପାରିବ, ତେଣୁ ଏକ ସାଧାରଣ କୋଠରୀରେ ବନ୍ଦ କରି ଦ୍ୱାରରେ ଜଣେ ପ୍ରହରୀକୁ ମୁତୟନ କରିଦିଆଯାଉଥିଲା ।

ସେହିପରି ଏହି ସର୍ଦ୍ଦାରଙ୍କୁ ମଧ୍ୟ ଏକ କୋଠରୀରେ ବନ୍ଦ କରି ଏକ ପ୍ରହରୀ ମୁତୟନ କରାଦିଆଯାଇଥିଲା । କୁହାଯାଏ ଯେ, ସେହି ବର୍ଷ ଇସ୍‌ଲାମ ଇତିହାସରେ ବିପତି ସମୂହର ବର୍ଷ ଥିଲା କାରଣ ସେହି ଯୁଦ୍ଧରେ ମୁସଲମାନମାନଙ୍କର ବିପୁଳ କ୍ଷୟକ୍ଷତି ଘଟିଥିଲା । ଏପରି ଏକ ସମୟ ଆସିଲା ଯେ ଇସ୍‌ଲାମୀ ସେନାଦଳ ଶତ୍ରୁପକ୍ଷର ହାତୀଙ୍କ ଭୟରେ ପଳାୟନ କରିଥିଲେଓ ସେମାନଙ୍କ ସମ୍ମୁଖରେ ଏକ ଛୋଟ ନଦୀ ଆସିଯାଇଥିଲା । ଯେଉଁଥିରେ ସେମାନେ ଲମ୍ଫ ମାରିଥିଲେ, ଯେହେତୁ ସେମାନଙ୍କୁ ପହଁରା ଅର୍ଥାତ ସନ୍ତରଣ କରିବା ଜଣାନଥିଲା ତେଣୁ ଶତାଧିକ ମୁସଲମାନ ବୁଡ଼ି ମୃତ୍ୟୁବରଣ କରିଥିଲେ । ସେ ଯାହା ହେଉ ଉକ୍ତ ସର୍ଦ୍ଦାରଜଣକ କୋଠରୀରେ ବନ୍ଦ ଥିଲେ । ମୁସଲମାନ ସିପାହୀ ଯୁଦ୍ଧରୁ ଫେରି ସେହି କୋଠରୀ ନିକଟରେ ବସି ଚର୍ଚ୍ଚା କରନ୍ତି ଯେ ଆଜି ମୁସଲମାନମାନଙ୍କର ବହୁତ କ୍ଷୟକ୍ଷତି ହେଲା, ପ୍ରାଣହାନୀ ଘଟିଲା । ଏକଥା ଶୁଣି ସେ ବେଶ୍ ପଶ୍ଚାତାପ ଓ ଦୁଃଖିତ ତଥା ବେଦନାରେ କଲବଲ ହୋଇପଡ଼ିଲେ କି ମୁଁ ଯୁଦ୍ଧରେ ମୁସଲମାନମାନଙ୍କ ସହିତ ସାମିଲ ହୋଇପାରୁନାହିଁ । ନିଃସନ୍ଦେହରେ ସେ ଭୁଲ୍ କରିଥିଲେ ମଦ୍ୟପାନ କରିଥିଲେ କିନ୍ତୁ ବାସ୍ତବରେ ସେ ଜଣେ ମହାନ୍ ବୀର ଥିଲେ ଏବଂ ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦୃଶ୍ୟମାନ ହେଉଥିଲା । ମୁସଲମାନମାନଙ୍କ ଦୂରାବସ୍ଥା ଶୁଣି ସେ କୋଠରୀ ଭିତରେ ଏଭଳି ଏପଟସେପଟ ହେଉଥିଲେ ଯେପରି ପିଞ୍ଜରା ଭିତରେ ମହାବଳ ବାଘ ଘୁରିବୁଲିଥାଏ । ବିଚରଣ କରୁ କରୁ ସେ ନିଜ ବିବେକକୁ ସମ୍ବୋଧିତ କରି ଏହି କବିତାଟି ପଢ଼ିଥିଲେ ଯାହାର ଅର୍ଥ ଏହା ଥିଲା ଯେ ତୋ ପାଖରେ ଆଜି ଏକ ସୁନ୍ଦର ଅବସରଟିଏ ଥିଲା ଯେ ତୁ ଇସ୍‌ଲାମ୍‌ର ସୁରକ୍ଷା କରିପାରିଥାନ୍ତୁ ଏବଂ ନିଜର ସାହାସିକତାର ପ୍ରଦର୍ଶନ କରିପାରିଥାନ୍ତୁ କିନ୍ତୁ ତୁ ତ ବନ୍ଦୀ । ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ସ୍ତ୍ରୀ ଅତ୍ୟନ୍ତ ସାହାସୀ ମହିଳା ଥିଲେ, ସେ ଉକ୍ତ କବିତାକୁ ଶୁଣି ନେଇଥିଲେ ଏବଂ ସେହି ବନ୍ଦୀକୁ ସମ୍ବୋଧିତ କରି କହିଥିଲେ, ଯେ ତୁ ଜାଣିଛୁ କି ହଜ୍‌ରତ୍ ସାଆଦ୍ ତତେ କାହିଁକି ବନ୍ଦି କରିଛନ୍ତି ଏବଂ କାହିଁକି ଏଭଳି ଦଣ୍ଡରେ ଦଣ୍ଡିତ କରିଛନ୍ତି ଯଦି ସେ ଜାଣି ନେବେ କି, ମୁଁ ତତେ ମୁକ୍ତ କରିଦେଇଛି ତେବେ ସେ ମତେ କଦାପି କ୍ଷମା ଦେବେନାହିଁ କିନ୍ତୁ ମୋର ଇଚ୍ଛା ହେଉଛି ଯେ ମୁଁ ତତେ ବନ୍ଦୀ ମୁକ୍ତ କରିଦିଅନ୍ତି କାରଣ ତୁ ସ୍ୱଇଚ୍ଛାରେ ଇସ୍‌ଲାମ୍ କାମରେ ବାହାରିବାକୁ ଅନୁପ୍ରାଣିତ । ସେ ଉତର ଦେଲା ବର୍ତମାନ ଯେଉଁ ଯୁଦ୍ଧ ଚାଲିଛି ସେଥିପାଇଁ ଆପଣ ମତେ ମୁକ୍ତ କରିଦିଅନ୍ତୁ ମୁଁ ଆପଣଙ୍କୁ ପ୍ରତିଶୃତି ଦେଉଛି ଯେ, ଯୁଦ୍ଧ ପରେ ମୁଁ ଶୀଘ୍ର ଫେରି ଆସିବି ଏବଂ ବନ୍ଦୀଗୃହରେ ପୂର୍ବପରି ବନ୍ଦି ହୋଇ ରହିବି । ସାଆଦ୍ ର:ଅଙ୍କ ପତ୍ନୀ ମନରେ ଇସ୍‌ଲାମ୍ ପ୍ରତି ସହାନୁଭୁତି ଥିଲା ଏବଂ ତାହାର ସୁରକ୍ଷା ଲାଗି ଉତ୍ସାହ ଦେଖିବାକୁ ମିଳୁଥିଲା । ସେଥିପାଇଁ ସେ ସେହି ବ୍ୟକ୍ତିକୁ ମୁକ୍ତ କରିଦେଇଥିଲେ, ସୁତରାଂ ଉକ୍ତ ବ୍ୟକ୍ତି ଯୁଦ୍ଧରେ ସାମିଲ ହେଲେ ଏବଂ ଏଭଳି ନିର୍ଭିକ ଓ ବୀରତ୍ୱର ସହ ଲଢ଼ିଲେ କି ତା'ର ସାହାସିକତା ଯୋଗୁଁ ଇସ୍‌ଲାମୀୟ ସୈନ୍ୟଦଳ ପଛଗୁଞ୍ଚା ପରିବର୍ତେ ଆଗକୁ ଅଗ୍ରସର ହେଲା । ସାଆଦ୍ ର:ଅ ତାଙ୍କୁ ଚିହ୍ନିନେଲେ ଏବଂ କହିଲେ ଆଜି ଯୁଦ୍ଧରେ ସେହି ବ୍ୟକ୍ତ ଉପସ୍ଥିତ ଥିଲା ଯାହାକୁ ମୁଁ ମଦ୍ୟପାନ କରିବା ଅଭିଯୋଗରେ ବନ୍ଦୀ କରିଥିଲି । ଉକ୍ତ ବ୍ୟକ୍ତି ଜଣକ ମୁହଁରେ ମୁଖା ପିନ୍ଧିଥିଲା କିନ୍ତୁ ମୁଁ ତା'ର ଆକ୍ରମଣ ଶୈଳୀ ଓ ଉଚ୍ଚତା ସହ ଭଲଭାବରେ ପରିଚିତ । ସୁତରାଂ ମୁଁ ସେହି ବ୍ୟକ୍ତିକୁ ଖୋଜିବି ଯିଏ ତାକୁ କାରାମୁକ୍ତ କରିଛି ଏବଂ ତାକୁ କଠୋର ଦଣ୍ଡରେ ଦଣ୍ଡିତ କରିବି ଯେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ଉକ୍ତ ପଦ କହିଲେ ସେତେବେଳେ ତାଙ୍କ ପତ୍ନୀ ଉତ୍ୟକ୍ତ ହୋଇଗଲେ ଏବଂ କହିଲେ ତୁମକୁ ଟିକିଏ ଲଜ୍ୟା ନାହିଁ ସ୍ୱୟମ ଗଛ ଉପରେ ଛାତ ତିଆରି କରି ବସି ରହିଛ ଏବଂ ସେହି ବ୍ୟକ୍ତିକୁ ବନ୍ଦୀ କରି ରଖିଛ ଯିଏ ଶତ୍ରୁର ମଝିରେ ନିର୍ଭିକତାର ସହ ପ୍ରବେଶ କରି ଲଢ଼ିଚାଲିଥିଲା ଏବଂ ନିଜ ଜୀବନର ତିଳେମାତ୍ର ଭ୍ରୁକ୍ଷେପ ନ କରି ଶତ୍ରୁର ମୁଳପ୍ତାଟନ କରିଦେଇଥିଲା । ତେଣୁ ମୁଁ ସେହି ବ୍ୟକ୍ତିକୁ କାରାମୁକ୍ତ କରିଥିଲି । ତୁମ ଦ୍ୱାରା ଯାହା ସମ୍ଭବ ତୁମେ କରିପାର ।   ଉକ୍ତ ଘଟଣାଟି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଲଜ୍‌ନାର ଏକ ଅଭିଭାଷଣରେ ବର୍ଣ୍ଣନା କରିଥିଲେ ଏବଂ ଇସ୍‌ଲାମ୍ ପାଇଁ ନାରୀମାନେ ଅତୁଳନିୟ ଯୋଗଦାନ ଦେଇଥିବାର ଘଟଣା ଚର୍ଚ୍ଚା କରିଥିଲେ । ସୁତରାଂ ଆଜି ବି ଅହେମଦୀ ନାରୀମାନଙ୍କୁ ସେହି ଉଦାହରଣକୁ ନିଜ ସମ୍ମୁଖରେ ରଖିବା ଉଚିତ ।

***(କୁରୁନେ ଉଲା କି ମୁସଲମାନ ଖୱାତିନ୍ କା ନମୁନା, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୨୪, ପୃ-୪୨୮-୪୩୦)***

ପୁନଶ୍ଚ ମହିଳାମାନଙ୍କ ବଳିଦାନର ଅଧିକ ଘଟଣା ଶୁଣନ୍ତୁ ଯାହାକି ହଜ୍‌ରତ୍ ସାଆଦ୍‌ଙ୍କ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି । ଅନ୍‌ସାର କବିଲା ବନୁ ସୁଲୈମା ପ୍ରଶିଦ୍ଧ କବି ଓ ସାହାବି ହଜ୍‌ରତ୍ ଖୁନ୍‌ସାଆ ସେହି ଯୁଦ୍ଧରେ ନିଜ ଚାରିଗୋଟି ପୁତ୍ରଙ୍କୁ ହରାଇ ଥିଲେ । ହଜ୍‌ରତ୍ ଖୁନ୍‌ସାଙ୍କ ସ୍ୱାମୀ ଓ ଭ୍ରାତା ତାଙ୍କ ଯୌବନ ଅବସ୍ଥାରେ ହିଁ ଦେହ ତ୍ୟାଗ କରିଥିଲେ, ସେ ବହୁତ ଦୁଃଖକଷ୍ଟରେ ନିଜ ଚାରିପୁତ୍ରଙ୍କୁ ଲାଳନପାଳନ କରିଥିଲେ । କାଦିସିଆ ଯୁଦ୍ଧର ଅନ୍ତିମ ଦିନ ସକାଳେ ହଜ୍‌ରତ୍ ଖୁନ୍‌ସା ନିଜ ପୁତ୍ରମାନଙ୍କୁ ଉପଦେଶ ଦେଇଥିଲେ ଯେ, ହେ ମୋର ପୁତ୍ରମାନେ ! ତୁମେ ସ୍ୱଇଚ୍ଛାରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛ ଏବଂ ସ୍ୱଇଚ୍ଛାରେ ହିଜ୍‌ରତ୍ କରିଛ ସେହି ପରମେଶ୍ୱରଙ୍କ ରାଣ ଯାହାଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନାହାନ୍ତି ମୁଁ ତୁମ ଆଭିଜାତ୍ୟ ଉପରେ ତିଳେମାତ୍ର କାହାରିକୁ ଆଙ୍ଗୁଠି ଉଠେଇବାକୁ ଦେଇନାହିଁ । ମନେରଖ ପରକାଳର ଜୀବନ ଏହି ସାଂସାରିକ ଜୀବନ ଅପେକ୍ଷା ଶ୍ରେୟସ୍କର ହେ ମୋର ପୁତ୍ରମାନେ ! ଯୁଦ୍ଧ କ୍ଷେତ୍ରରେ ଶତ୍ରୁମାନଙ୍କ ମୁକାବିଲାରେ ସୁଦୃଢ଼ ଓ ଅଟଳ ପାଚେରୀ ପରି ଦଣ୍ଡାୟମାନ ହୋଇଯାଅ ଏବଂ କାନ୍ଧ ସହ କାନ୍ଧ ମିଳାଇ ଲଢ଼ । ନିଜ ପରକାଳର ସୁଧାର ନିମନ୍ତେ ଛାତି ଟାଣି ଯୁଦ୍ଧ କ୍ଷେତ୍ରକୁ ଲମ୍ଫ ପ୍ରଦାନ କର । ତାଙ୍କ ପୁତ୍ରମାନେ ଏହି ୱସିୟତ୍‌ର ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ଏବଂ କବିତା ପାଠ କରି ନିଜ ନିଜ ଘୋଡ଼ା ଉପରେ ଚଢ଼ି ଯୁଦ୍ଧ କ୍ଷେତ୍ରକୁ ବାହାରି ପଡ଼ିଥିଲେ ଏବଂ ବୀରତ୍ୱର ସହ ଶତ୍ରୁର ମୁକାବିଲା କରି ଶହୀଦ ହୋଇଥିଲେ । ସେହି ଦିନ ସଂଧ୍ୟା ପୂର୍ବରୁ କାଦିସିଆରେ ଇସ୍‌ଲାମୀୟ ବାନା ଉଡ଼ିଥିଲା । ଯେତେବେଳେ ଖୁନ୍‌ସାଙ୍କୁ କୁହାଗଲା କି ତୁମର ଚାରିପୁତ୍ର ଶହୀଦ ହୋଇଯାଇଛନ୍ତି ସେତେବେଳେ ସେ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କରି କହିଲେ କି ପ୍ରଭୁ ସେମାନଙ୍କୁ ଶହୀଦ ହେବାର ସୌଭାଗ୍ୟ ପ୍ରଦାନ କରିଛନ୍ତି ଏବଂ କହିଲେ ମୋ ପାଇଁ ଏହା କିଛି କମ୍ ଗର୍ବ ଓ ଗୌରବର କଥା ନୁହେଁ ଯେ ମୋ ପୁତ୍ରମାନେ ପ୍ରଭୁଙ୍କ ମାର୍ଗରେ ଅର୍ଥାତ ସତ୍‌ମାର୍ଗରେ ନିଜ ପ୍ରାଣର ଆହୁତି ଦେଇଛନ୍ତି । ମୋର ଆଶା ପ୍ରଭୁ ଆମ୍ଭମାନଙ୍କୁ ନିଜ ଦୟାର ଚାଦରରେ ଏକତ୍ରିତ କରିଦେବେ ।

କାଦିସିଆ ବିଜୟ କରିବାପରେ ମୁସଲମାନମାନେ ବାବିଲ୍ ଇଲାକାକୁ ମଧ୍ୟ ବିଜୟ କରିଥିଲେ । ବାବୁଲ୍ ଇରାକ୍‌ର ପୁରାତନ ସହର ଥିଲା ଯାହାର ଚର୍ଚ୍ଚା ହାରୁତ୍ ଓ ମାରୁତ୍‌ଙ୍କ ପ୍ରସଙ୍ଗରେ ପବିତ୍ର କୋରାନ୍‌ରେ ଉଲ୍ଲେଖ ରହିଛି । ଆଜି ଯେଉଁଠି କୁଫା ସହର ଗଢ଼ି ଉଠିଛି ତା'ପରେ ମୁସଲମାନ ସୈନ୍ୟ କୁସା ନାମକ ଐତିହାସିକ ସହରରେ ପହଂଚିଥିଲେ । କୁସା ସେହି ସ୍ଥାନ ଯେଉଁଠାରେ ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କୁ ନମ୍‌ରୁଡ୍ କାଏଦ୍ କରିଥିଲା । ସେତେବେଳେ ସେହି ସ୍ଥାନଟି ସୁରକ୍ଷିତ ଥିଲା, ହଜ୍‌ରତ୍ ସାଆଦ୍ ସେଠାରେ ପହଂଚି ସମ୍ପୃକ୍ତ କାରାଗାରକୁ ଯେତେବେଳେ ସ୍ୱଚକ୍ଷୁରେ ଅବଲୋକନ କଲେ ସେତେବେଳେ ଏହି ପଂକ୍ତି ପାଠ କରିଥିଲେ । **ତିଲ୍‌କଲ୍ ଅୟାମୁ ନୁଦାୱିଲୁହା ବଇନନ୍ ନାସି (ଆଲେ ଇମ୍‌ରାନ୍:୧୪୧)** ଅର୍ଥାତ ଏହି ଦିନଗୁଡିକ ଏପରି ଅଟେ କି ଆମ୍ଭେ ସେହିଗୁଡ଼ିକୁ ଲୋକମାନଙ୍କ ମଧ୍ୟରେ ଅଦଳବଦଳ କରିଥାଉ  ଯଦ୍ୱାରା ସେମାନେ ଉପଦେଶ ହାସଲ କରିବେ । କୁସା ଅତିକ୍ରମ କରି ସେମାନେ ବହ୍‌ରାଏ  ଶିର୍ ନାମକ ଏକ ସ୍ଥାନରେ ପହଂଚିଥିଲେ । ମୁଅଜମୁଲ୍ ବୁଲ୍‌ଦାନ, ଯିଏ ଏହି ସହରର ମୁଅଜମ୍ ଅଟନ୍ତି ତାଙ୍କ ଅନୁସାରେ ଏହି ସହରର ନାମ ବହୁରି ସିର୍ ଅଟେ । ବହୁରେ ସିର୍ ଦଜ୍‌ଲା ନଦୀର ପଶ୍ଚିମ ଦିଗରେ ଅବସ୍ଥିତ ଇରାକ୍‌ର ସହର ମଦାଇନ୍ ନିକଟରେ ଥିବା ବଗ୍‌ଦାଦ୍ ସିମାନ୍ତ ଅଂଚଳରେ ଥିବା ଏକ ଅଂଚଳର ନାମ ସେଠାରେ ଇରାନ୍‌ର ଶିକାରି ବାଘ ରହୁଥିଲା । ଯେତେବେଳେ ସାଆଦ୍‌ଙ୍କ ସେନା ସେଠାରେ ପହଂଚିଲା ସେତେବେଳେ ସେମାନେ ସେହି ହିଂସ୍ର ବାଘକୁ ସୈନ୍ୟମାନଙ୍କ ମଧ୍ୟକୁ ଛାଡ଼ିଦେଇଥିଲେ । ହଜ୍‌ରତ୍ ସାଆଦ୍‌ଙ୍କ ଭ୍ରାତା ହାସିମ୍ ବିନ୍ ଅବି ୱକାସ ପ୍ରଥମ ସେନାଦଳର ଅଫିସର ଥିଲେ, ସେ ନିଜ ତରବାରୀ ଦ୍ୱାରା ଏଭଳି ପ୍ରହାର କଲେ କି ବାଘ ସେହିଠାରେ ହିଁ ନିପାତ ହୋଇଗଲା ।

ସେଠାରେ ମଦାଇନ୍‌ର ଯୁଦ୍ଧ ହୋଇଥିଲା, ମଦାଇନ୍ କିସ୍‌ରା ସମ୍ରାଟର କେନ୍ଦ୍ରସ୍ଥଳି ଥିଲା । ସେଠାରେ ତାହାର ଧବଳ ଅଟ୍ଟାଳିକାମାନ ରହିଥିଲା, ମୁସଲମାନ ଓ ମଦାଇନ୍ ମଧ୍ୟରେ ଦଜ୍‌ଲା ନଦୀ ରହିଥିଲା । ଇରାନୀମାନେ ନଦୀର ସମସ୍ତ ସେତୁ ଭାଙ୍ଗି ଦେଇଥିଲେ । ହଜ୍‌ରତ୍ ସାଆଦ୍ ମୁସଲମାନମାନଙ୍କୁ କହିଲେ ଶତ୍ରୁ ନଦୀ ଆରପଟେ ରହିଛି ତେଣୁ ନଦୀ ପାର କରି ନିଅ । ଏହା କହି ସେ ସ୍ୱୟମ ନିଜ ଘୋଡ଼ାରେ ନଦି ଭିତରକୁ ଲମ୍ଫ ପ୍ରଦାନ କରିଥିଲେ । ଏହା ଦେଖି ସିପାହୀମାନେ ମଧ୍ୟ ନିଜ ସେନାଧ୍ୟକ୍ଷର ଅନୁସରଣ କରି ନଦୀ ଭିତରକୁ ଲମ୍ଫ ପ୍ରଦାନ କରିଥିଲେ । ଇରାନୀମାନେ ଏହି ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖି ଭୟରେ ଚିତ୍କାର କରିଉଠିଲେ ଏବଂ କହିଲେ କି ଦେବମାନେ ଆସିଗଲେ । ସୁତରାଂ ସେମାନେ ପଳାୟନ କଲେ ମୁସଲମାନମାନେ ସହର ଓ ଇରାନ୍‌ର ମହଲଗୁଡ଼ିକୁ ଅଧିକାର କରିନେଲେ, ଏହିଭଳି ହଜୁର ସ:ଆ:ସଙ୍କ ଭବିଷ୍ୟବାଣୀ ମଧ୍ୟ ପୂରଣ ହେଲା । ଯାହାର ବର୍ଣ୍ଣନା ହଜୁର ସ:ଆ:ସ ଏହଜାବ୍ ଯୁଦ୍ଧ ସମୟରେ ଖନ୍ଦକ ଅର୍ଥାତ ଗର୍ତଖାଇ ଖନନ କରିବାବେଳେ କହିଥିଲେ କି ମତେ ମଦାଇନ୍‌ର ଧବଳ ଅଟ୍ଟାଳିକା ଭଷ୍ମୀଭୁତ ହେଉଥିବାର ଦୃଶ୍ୟମାନ ହେଉଅଛି । ହଜ୍‌ରତ୍ ସାଆଦ୍ ଉକ୍ତ ଅଟ୍ଟାଳିକାଗୁଡ଼ିକୁ ଜନଶୂନ୍ୟ ଦେଖି ସୁରେ ଦୁଖାନ୍ ର ନିମ୍ନ ପଂକ୍ତି ଆବୃତି କରିଥିଲେ **କମ୍ ତରକୁ ମିନ୍ ଜନ୍ନାତିନ୍ ୱ ଉୟୁନ୍- ୱ ଜୁରୁଇନ୍ ୱ ମକାମିନ୍ କରିମ୍, ୱ ନାମତିନ୍ କାନୁ ଫିହା ଫାକିହିନ୍ - କଜାଲିକା ୱ ଅଓର୍‌ନାହା କୌମନ୍ ଆଖରିନ୍ (ଦୁଖାନ୍:୨୬-୨୯)** ଅର୍ଥାତ ସେମାନେ ନିଜ ପଛରେ ଅନେକ ଉଦ୍ୟାନ, ଝରଣା, ଶସ୍ୟକ୍ଷେତ୍ର ଓ ଅତ୍ୟନ୍ତ ଆରାମଦାୟକ ସ୍ଥାନ ଏପରି ବାସସ୍ଥାନ ଯେଉଁଥିରେ ଅତ୍ୟନ୍ତ ସୁଖରେ ରହୁଥିଲେ, ଏହିପରି ଭାବରେ ଏପରି ହୋଇଥିଲା ଏବଂ ଆମ୍ଭେ ଅନ୍ୟଏକ ସମ୍ପ୍ରଦାୟକୁ ସେ ସବୁର ଉତରାଧିକାରୀ କରିଥିଲୁ ।

ଏହାପରେ ହଜ୍‌ରତ୍ ସାଆଦ୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ସେବାରେ ଉପସ୍ଥିତ ହୋଇ ଅଧିକ ଅଗ୍ରସର ହେବାପାଇଁ ଅର୍ଥାତ ଆଗକୁ ଅଗ୍ରସର ହେବାପାଇଁ ଅନୁମତି ଲୋଡ଼ିଥିଲେ । ଏହାର ଉତରରେ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଲେ ସେତିକିରେ ତୁମେ ସନ୍ତୁଷ୍ଟ ହୁଅ ଏବଂ ବିଜୟ ଅଂଚଳକୁ ସୁବ୍ୟବସ୍ଥିତ କରିବାପାଇଁ ଅତ୍ୟନ୍ତ କର, ସୁତରାଂ ହଜ୍‌ରତ୍ ସାଆଦ୍ ର:ଅ ମାଦଇନ୍‌କୁ କେନ୍ଦ୍ରରେ ପରିଣତ କରି ତାହାକୁ ସୁବ୍ୟବସ୍ଥିତ କରିବାପାଇଁ ଅକ୍ଲାନ୍ତ ପରିଶ୍ରମ ଓ ଉଦ୍ୟମ କରିଥିଲେ ଏବଂ ଉକ୍ତ କାର୍ଯ୍ୟକୁ ସେ ଭଲଭାବରେ ଅର୍ଥାତ ସୁନ୍ଦରଭାବରେ ତୁଲାଇଥିଲେ । ପ୍ରଜାଙ୍କ ବିଶ୍ରାମ ତଥା ସୁଖ ସମୃଦ୍ଧି ଲାଗି ବ୍ୟବସ୍ଥା ମଧ୍ୟ କରିଥିଲେ । ନିଜର ସୁଯୋଜନା ଓ ପ୍ରଯୋଜିତ କାର୍ଯ୍ୟ ମାଧ୍ୟମରେ ସେ ଏହା ପ୍ରମାଣ କରିଦେଇଥିଲେ ଯେ ଅଲ୍ଲାଃ ତାଲା ତାଙ୍କୁ ଯୁଦ୍ଧ ସାମର୍ଥ୍ୟତା ତଥା ଯୋଗ୍ୟତା ପ୍ରଦାନ କରିବାରେ ସମ୍ମାନିତ ଓ ପୁରସ୍କୃତ  କରିଛନ୍ତି ।

ମଦାଇନ୍ ର ଜଳବାୟୁ ଆରବୀମାନଙ୍କ ପାଇଁ ଅନୁକୂଳ ନଥିଲା ତେଣୁ ହଜ୍‌ରତ୍

ସାଆାଦ୍ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପତ୍ର ଲେଖିଥିଲେ ଓ ଅନୁମତି ମାଗିଥିଲେ ଯେ ଏକ ନୂତନ ସହର ସ୍ଥାପନ କରାଯାଉ । ଯହିଁରେ ଆରବ ଦେଶର ବିଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କୁ ସ୍ଥାପିତ କରାଯାଇପାରିବ ତେଣୁ ସହର ସ୍ଥାପନ ହେଲା, ତା'ର ନାମ ରଖାଗଲା କୁଫା ଏବଂ ସେହି ସହର ମଧ୍ୟବର୍ତୀ ସ୍ଥାନରେ ସେ ଏକ ବିରାଟକାୟ ମସ୍‌ଜିଦ୍ ନିର୍ମାଣ କରିଥିଲେ ଯହିଁରେ ୪୦ ହଜାରରୁ ଉର୍ଦ୍ଧ ନମାଜ ପାଠକାରୀ ସାମୁହିକ ନମାଜ ପାଠ କରୁଥିଲେ । କୁଫା ସହରଟି ସେନାମାନଙ୍କ ଛାଉଣି ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ସେଠାରେ ଏକ ଲକ୍ଷ ସୈନ୍ୟ ରହୁଥିଲେ । ଏଥି ସଂକ୍ରାନ୍ତରେ ଅଧିକ ବ୍ୟାଖ୍ୟା ଏଭଳି ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ସାଆାଦ୍ ମଦାଇନ୍‌ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବସ୍ଥାନ କରିବାପରେ ଅନୁଭବ କଲେ କି ମଦାଇନ୍‌ର ଜଳବାୟୁ ଆରବୀୟ ଲୋକମାନଙ୍କର ଅନୁକୂଳ ନୁହେଁ ତେଣୁ ସେ ହଜ୍‌ରତ୍ ଉମର୍ ର:ଅଙ୍କୁ ପତ୍ରଲେଖିଲେ ଏହାର ପ୍ରତି ଉତରରେ ଖଲିଫାଙ୍କ ନିକଟରୁ ଆଦେଶ ହସ୍ତଗତ ହେଲା କି ସୀମାନ୍ତରେ ଏକ ଉତମ ଜମି ଚୟନ କରି ନୂତନ ସହର ସ୍ଥାପନ କର ଯେଉଁଠାରେ ଆରବୀ ଗୋଷ୍ଠୀଙ୍କୁ ବସାଇ ତାହାକୁ ନିଜର କେନ୍ଦ୍ରସ୍ଥଳୀ କର ହଜ୍‌ରତ୍ ସାଆାଦ୍ ଏହି ଆଦେଶ ଅନୁଯାୟୀ ମଦାଇନ୍‌ରୁ ବାହାରି ଏକ ଉପଯୁକ୍ତ ସ୍ଥାନ ଚୟନ କଲେ ଏବଂ ଏକ ପ୍ରଶସ୍ତ ଓ ବୃହତ ସହରର ଭିତି ସ୍ଥାପନ କଲେ ଯାହାର ସେ କୁଫା ନାମକରଣ କରିଥିଲେ । ଯେଉଁଠାରେ ସେ ଆରବର ଭିନ୍ନ ଭିନ୍ନ କବିଲାକୁ ପୃଥକ ପୃଥକ ମହଲରେ ବସାଇଥିଲେ ଏବଂ ସହରର ମଧ୍ୟ ଭାଗରେ ଏକ ବୃହତକାୟ ମସ୍‌ଜିଦ୍ ନିର୍ମାଣ କରିଥିଲେ ଯେଉଁଥିରେ ୪୦ ହଜାରରୁ ଅଧିକ ନମାଜୀ ସାମୁହିକ ନମାଜ ପାଠ କରୁଥିଲେ ଯେପରି କି ଉପରେ ଆଲୋଚନା ହୋଇ ଆସିଲା । ମସ୍‌ଜିଦ୍ ନିକଟରେ ହିଁ ବଇତୁଲ୍ ମାଲ୍ ଅର୍ଥାତ କୋଷାଗାର ଭଣ୍ଡାରଘର ଓ ନିଜ ନିବାସ ତିଆରି କରିଥିଲେ ଯାହାକି କସ୍‌ରେ ସାଆାଦ୍‌ଙ୍କ ନାମରେ ପ୍ରସିଦ୍ଧ ଥିଲା ।

***(ରୌଶନ୍ ସିତାରେ, ପୃ-୮୪-୮୮) (ସିରସ୍ ସାହାବା, ଖଣ୍ଡ-୨, ପୃ-୧୧୭-୧୧୮) (ମୁଅଜମୁଲ୍ ବୁଲ୍‌ଦାନ୍ ମୁତରଜିମ୍, ପୃ-୫୬) (ମୁଅଜମୁଲ୍ ବୁଲ୍‌ଦାନ୍ ମୁତରଜିମ୍, ଖଣ୍ଡ-୧, ପୃ-୬୧୦)***

୨୧ ହିଜ୍‌ରୀରେ ଇରାନୀଙ୍କ ଅଧିକୃତରେ ଥିବା ଇରାକ୍‌ର ସେହି ଅଂଶ ଯାହାର ନାମ ନହାୱନ୍ଦ୍ ଥିଲା, ମୁସଲମାନମାନଙ୍କ ବିରୋଧରେ ଯୁଦ୍ଧ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେ ମୁସଲମାନମାନଙ୍କଠାରୁ ଇରାନୀ ଉକ୍ତ ଅଂଚଳରୁ ପନଃ ଅଧିକାର କରିବା ନିମନ୍ତେ ଦେଢ଼ଲକ୍ଷ ସୈନ୍ୟ ଏକତ୍ରିତ କରିଥିଲେ । ହଜ୍‌ରତ୍ ସାଆାଦ୍  ହଜ୍‌ରତ୍ ଉମର୍ ର:ଅଙ୍କୁ ଏହାର ସୁଚନା ଦେଲେ, ଉମର୍ ର:ଅ ପରାମର୍ଶକାରୀଙ୍କ ସହ ପରାମର୍ଶ କ୍ରମେ ଏକ ଇରାକି ହଜ୍‌ରତ୍ ନୁମାନ୍ ବିନ୍ ମକ୍‌ରନିଙ୍କ ଅଧକ୍ଷତାରେ ମୁସଲମାନମାନଙ୍କୁ ପ୍ରେରଣ କରିଥିଲେ ଅର୍ଥାତ ମୁସଲମାନ ସେନାଙ୍କୁ ପ୍ରେରଣ କରିଥିଲେ । ହଜ୍‌ରତ୍ ନୁମାନ୍ ସେତେବେଳେ କସ୍‌କର୍‌ରେ ଥିଲେ, କସ୍‌କର ହେଉଛି ଉହାନ୍ ନଦୀଠାରୁ ବସ୍‌ରା ନିକଟସ୍ଥ ଦଜ୍‌ଲା ନଦୀ ମୁଖ ପର୍ଯ୍ୟନ୍ତ ଅଂଚଳର ନାମ । ଯାହା ସୀମାରେ ଅନେକ ଗ୍ରାମ ଓ ସହର ରହିଥିଲା । ସେ ଯାହା ହେଉ ହଜ୍‌ରତ୍ ଉମର୍ ତାଙ୍କୁ ନହାୱନ୍ଦଠାରେ ବିନ୍‌ତେ ପହଂଚିବାକୁ ଆଦେଶ ଦେଇଥିଲେ । ଦେଢ଼ ଲକ୍ଷ ଇରାନୀଙ୍କ ମୁକାବିଲାରେ ମୁସଲମାନମାନଙ୍କ ସଂଖ୍ୟା ମାତ୍ର ୩୦ ହଜାର ଥିଲା । ହଜ୍‌ରତ୍ ନୁମାନ୍ ନିଜ ସେନାର ପରିକ୍ରମା କରି ସେମାନଙ୍କୁ ଉପଦେଶ ଦେଲେ ଅର୍ଥାତ ମୁସଲମାନ ସେନାଙ୍କୁ ଉପଦେଶ ଦେଲେ, ଯଦି ମୁଁ ଶହୀଦ ହୋଇଯାଏ ତେବେ ତୁମମାନଙ୍କ ସେନାପତି ହୁଜେଫା ହେବେ ଏବଂ ଯଦି ସେ ଶହୀଦ ହୋଇଗଲେ ତେବେ ଅମୁକ ବ୍ୟକ୍ତି ତୁମର ସେନାଧକ୍ଷ ହେବେ । ଏପରି ସେ ସାତଜଣଙ୍କ ନାମ ଘୋଷଣା କରିଥିଲେ, ତା'ପରେ ଦୁଆ କଲେ ହେ ଅଲ୍ଲାଃ ନିଜ ଧର୍ମକୁ ମର୍ଯ୍ୟାଦା ପ୍ରଦାନ କର ଏବଂ ନିଜ ଭକ୍ତମାନଙ୍କୁ ସାହାଯ୍ୟ କର ତଥା ନୁମାନଙ୍କୁ ସର୍ବପ୍ରଥମେ ଶହୀଦ ହେବାର ସୌଭାଗ୍ୟ ପ୍ରଦାନ କର । ଆଉ ଏକ ବର୍ଣ୍ଣନା ଅନୁଯାୟୀ ସେ ଦୁଆ କରିଥିଲେ, ହେ ଅଲ୍ଲାଃ ମୁଁ ତୁମ ଶରଣେ ପ୍ରାର୍ଥନା କରୁଅଛି କି ଆଜି ମୋ ଚକ୍ଷୁକୁ ଏଭଳି ବିଜୟ ଦ୍ୱାରା ଶୀତଳ କରାଅ ଯେଉଁଥିରେ ଇସ୍‌ଲାମ୍‌ର ଗୌରବ ଅକ୍ଷୁର୍ଣ୍ଣ ହେବ ଏବଂ ମତେ ଶହୀଦର ପଦମର୍ଯ୍ୟାଦା ପ୍ରାପ୍ତ ହେବ । ଯୁଦ୍ଧ ଆରମ୍ଭ ହେଲା ମୁସଲମାନମାନେ ଏଭଳି ବିରତ୍ୱର ସହ ଲଢ଼ିଲେ ଯେ, ସୂର୍ଯ୍ୟ ଅସ୍ତ ହେବା ପୂର୍ବରୁ ରଣଭୁମି ମୁସଲମାନମାନଙ୍କ ହାତ ମୁଠାରେ ଥିଲା । ସେହି ଯୁଦ୍ଧରେ ହଜ୍‌ରତ୍ ନୁମାନ୍ ଶହୀଦ ହୋଇଥିଲେ । ଅବୁ ଲୋଲୋ ଫିରୋଜି ସେହି ଯୁଦ୍ଧରେ କଏଦ ହେଲେ ଏବଂ ଦାସ ହୋଇ ହଜ୍‌ରତ୍ ମୁଗୈରା ବିନ୍ ସୈବାଙ୍କ ଭାଗରେ ଆସିଥିଲେ । ଇଏ ସେହି ବ୍ୟକ୍ତି ଯିଏ ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଶହୀଦ କରିଦେଇଥିଲା । ହଜ୍‌ରତ୍ ଉମର୍ ନହାୱନ୍ଧ ର ଅମୀରଙ୍କୁ ପତ୍ର ଲେଖିଥିଲେ ଯଦି ଅଲ୍ଲାଃ ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କଲେ ତେବେ ଏକ ପଂଚମାସ କୋଷାଗାର ପାଇଁ ରଖିଦେବ ଓ ବାକି ସମସ୍ତ ଧନସମ୍ପତି ମୁସଲମାନମାନଙ୍କ ମଧ୍ୟରେ ବଂଟନ କରିଦେବ ଏବଂ ଯଦି ଏହି ସେନା ଧ୍ୱଂସ ହୋଇଯାଏ ତେବେ ଜାଣି ରଖ କେହି ଚିରଞ୍ଜିବ ନୁହେଁ କାରଣ ଭୂପୃଷ୍ଠ ଅପେକ୍ଷା କବର ଶ୍ରେୟସ୍କର । ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ସମୟ କାଳରେ ଏକଦା ବନୁ ଅସଦ୍ କବିଲାର ଲୋକେ ହଜ୍‌ରତ୍ ସାଆାଦ୍‌ଙ୍କ ନମାଜ ପଢ଼େଇବାକୁ ନେଇ ଆପତି କରିଥିଲେ ଏବଂ ଏହି ଅଭିଯୋଗ ହଜ୍‌ରତ୍ ଉମର୍ ର:ଅଙ୍କୁ ମଧ୍ୟ ସେମାନେ କରିଥିଲେ କି ସାଆାଦ୍ ସଠିକ୍ ରୂପେ ନମାଜ ପଢ଼ାଉନାହାନ୍ତି । ଏଥିରେ ହଜ୍‌ରତ୍ ଉମର୍ ର:ଅ ମୁହମ୍ମଦ୍ ବିନ୍ ମୁସ୍‌ଲେମାଙ୍କୁ ଏହାର ତଦନ୍ତ କରିବା ନିମନ୍ତେ ପ୍ରେରଣ କରିଥିଲେ । ତଦନ୍ତ କରିବାପରେ ସେ ଏହି ଲୋକମାନଙ୍କ ଅଭିଯୋଗକୁ ଭିତିହୀନ କହିଥିଲେ । ଯଦିଚ ଅନ୍ୟ କିଛି କାରଣ ବସତଃ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆାଦ୍‌ଙ୍କୁ ମଦିନା ଡ଼କାଇ ଦେଇଥିଲେ ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୮୮-୯୦) (ଶରହ୍ ଜରକାନି........ ଖଣ୍ଡ-୪, ପୃ-୫୩୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ) (ମୁଅଜମୁଲ୍ ବୁଲ୍‌ଦାନ୍ ମୁତରଜିମ୍, ପୃ-୨୯୨)***

ଏହାର ବ୍ୟାଖ୍ୟା ସହୀ ବୁଖାରିରେ ଏଭଳି ଦରଜ ରହିଛି କି ହଜ୍‌ରତ୍ ଜାବିର୍ ବିନ୍ ସମରା ର:ଅ ବର୍ଣ୍ଣନା କରନ୍ତି । କୁଫା ବାସୀ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ହଜ୍‌ରତ୍ ସାଆାଦ୍‌ଙ୍କର ଅଭିଯୋଗ କରିଥିଲେ ଏଥିରେ ସେ ତାଙ୍କୁ ନିଲମ୍ବିତ କରିଥିଲେ ଏବଂ ତାଙ୍କ ସ୍ଥାନରେ ହଜ୍‌ରତ୍ ଅମାର୍‌ଙ୍କୁ ହାକିମ୍ ରୂପେ ମୁତୟନ କରିଥିଲେ । କୁଫାବାସୀ ଏହି ଅଭିଯୋଗ ମଧ୍ୟ କରିଥିଲେ କି ହଜ୍‌ରତ୍ ସାଆାଦ୍ ଭଲ ଭାବରେ ନମାଜ ପଢ଼ାଉନାହାନ୍ତି । ହଜ୍‌ରତ୍ ଉମର୍ ତାଙ୍କୁ ଡ଼କାଇ ପଠାଇଲେ ଏବଂ କହିଲେ ହେ ଅବୁ ଇସ୍‌ହାକ୍ ଏହା ହଜ୍‌ରତ୍ ସାଆାଦ୍‌ଙ୍କ କୁନିୟତ ଥିଲା । କୁଫା ବାସୀ କହୁଛନ୍ତି ତୁମେ ତାଙ୍କୁ ଭଲଭାବରେ ନମାଜ ପଢ଼ାଉ ନାହିଁ । ସେ ପ୍ରତିଉତରରେ କହିଲେ ଅଲ୍ଲାଃଙ୍କର ରାଣ ! ମୁଁ ତ ସେମାନଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ପରି ନମାଜ ପଢ଼ାଉଛି ଏବଂ ଏଥିରେ ତିଳେମାତ୍ର କମ୍ କରୁନାହିଁ । ଇଶା ନମାଜରେ ପ୍ରଥମ ଦୁଇ ରେକାତ୍ ଦୀର୍ଘ ଓ ପରବର୍ତୀ ଦୁଇ ରେକାତ୍ ସଂକ୍ଷିପ୍ତ ପଢ଼ାଉଛି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, ତୁମଠାରୁ ମୁଁ ଏହି ଉପେକ୍ଷା କରିଥିଲି ଅର୍ଥାତ ମୋର ତୁମଠାରେ ଏହି ଆଶା ରହିଥିଲା ।

ତା'ପରେ ହଜ୍‌ରତ୍ ଉମର୍ ଜଣେ ଅବା କିଛି ଲୋକଙ୍କୁ ତାଙ୍କ ସହିତ କୁଫା ଅଭିମୁଖେ ପ୍ରେରଣ କରିଥିଲେ ଯେ, ହଜ୍‌ରତ୍ ସାଆାଦ୍‌ଙ୍କ ସଂକ୍ରାନ୍ତରେ କୁଫାବାସୀଙ୍କୁ ପଚାରିବେ, ସେମାନେ ପ୍ରତ୍ୟେକ ମସ୍‌ଜିଦ୍ ଭ୍ରମଣ କରି ସାଆାଦ୍‌ଙ୍କ ପ୍ରସଙ୍ଗରେ ପଚାରି ବୁଝିଥିଲେ, କିନ୍ତୁ ସମସ୍ତେ ହଜ୍‌ରତ୍ ସାଆାଦ୍‌ଙ୍କର ପ୍ରଶଂସା ଗାନ କରିଥିଲେ । ଶେଷରେ ସେମାନେ ବନୁ ଅସଦ୍ କବିଲାର ମସ୍‌ଜିଦ୍‌ରେ ପହଂଚିଥିଲେ, ସେମାନଙ୍କ ମଧ୍ୟରୁ ଉସାମା ବିନ୍ କତାଦା ନାମି ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲେ ଏବଂ କହିଲେ ଯେହେତୁ ତୁମେ ଆମକୁ ରାଣ ଦେଇ ପଚାରୁଛ ତେଣୁ ଅସଲ କଥା ହେଲା ସାଆାଦ୍ ସେନାଙ୍କ ସାଥିରେ ଯାଉନାହାନ୍ତି ଏବଂ ବିଜୟରୁ ଅର୍ଜିତ ସମ୍ପତି ସମାନ ଭାବରେ ବଂଟନ କରୁନାହାନ୍ତି କି ନ୍ୟାୟ ବିଚାର କରୁନାହାନ୍ତି । ଏହା ଶୁଣି ହଜ୍‌ରତ୍ ସାଆାଦ୍ କହିଲେ ଅଲ୍ଲାଃଙ୍କ ରାଣ ମୁଁ ତିନିଗୋଟି ଦୁଆ କରୁଛି କି ଯଦି ତୁମର ଏହି ଭକ୍ତ ମିଥ୍ୟା କହୁଛି ଏବଂ ଲୋକ ଦେଖାଣିଆ ଓ ସମ୍ମାନ ପାଇବାପାଇଁ ଏଭଳି ଆପତି କରୁଛି ତେବେ ତାହାକୁ ଦୀର୍ଘ ଜୀବି କର ଏବଂ ତାହାର ଅଭାବକୁ ପ୍ରସସ୍ତ କରିଦିଅ ତାହା ସହ ସମସ୍ୟାଗୁଡ଼ିକୁ ଯୋଡ଼ି ଦିଅ । ଏଥିଅନ୍ତେ ଯେ କେହି ତାକୁ ଅର୍ଥାତ ସେହି ଆପତି କରିଥିବା ବ୍ୟକ୍ତିକୁ ତା'ର ଅବସ୍ଥା ପଚାରୁଥିଲା ସେ ତ କହୁଥିଲା ମୁଁ ବହତୁ ବୁଢ଼ା ହୋଇଯାଇଛି ମୋ ଅବସ୍ଥା ଅତ୍ୟନ୍ତ ସୋଚନୀୟ, ଦୁଃଖ, ସମସ୍ୟା ଓ ଦୁର୍ଦ୍ଦଶାମାନ ମତେ ଘେରି ରହିଛି ଏବଂ ସାଆାଦ୍‌ଙ୍କର ବଦ୍‌ଦୁଆର ମୁଁ ଶିକାର ହୋଇଛି ଅର୍ଥାତ ସାଆାଦ୍‌ଙ୍କ ଉପରେ ଲଗାଇଥିବା ମିଥ୍ୟା ଆରୋପର ପ୍ରତିଫଳ ଭୋଗ କରୁଅଛି ।

ଅବ୍‌ଦୁଲ୍ ମଲକ୍ କୁହନ୍ତି ମୁଁ ସେହି ଅଭିଷପ୍ତ ବ୍ୟକ୍ତିକୁ ଏହି ଘଟଣା ପରେ ଦେଖିଛି ଯେ ବାର୍ଦ୍ଧକ୍ୟ ହେତୁ ତା'ର ଦୁଇ ପତା ତା ଆଖିରେ ପଡ଼ିରହିଥିଲା ଏହା ସତ୍ୱେ ତା'ର ଚାରିତ୍ରିକ ଅବସ୍ଥା ଏଭଳି ଥିଲା କି ସେ ରାସ୍ତାରେ ଚାଲି ଯାଉଥିବା ଯୁବତୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିଲା, ଏ ସବୁ ବୁଖାରୀରେ ଉଲ୍ଲେଖ ରହିଛି ।

***(ସହି ବୁଖାରୀ କିତାବୁଲ୍ ଅଜାନ୍............. ହଦିସ୍ ନଂ ୭୫୫)***

ସେ ଯାହା ହେଉ ଏହି ଆପତି ଦ୍ୱାରା ହଜ୍‌ରତ୍ ସାଆାଦ୍ ଅତ୍ୟନ୍ତ ମର୍ମାହାତ ହେଲେ ଏବଂ ଆପଣ କହିଲେ ଆରବମାନଙ୍କ ମଧ୍ୟରୁ ମୁଁ ପ୍ରଥମ ବ୍ୟକ୍ତି ଯିଏ ଅଲ୍ଲାଃଙ୍କ ମାର୍ଗରେ ତୀର ନିକ୍ଷେପ କରିଥିଲା । ଆମେ ହଜୁର ସ:ଆ:ସଙ୍କ ସହିତ ଯୁଦ୍ଧ କ୍ଷେତ୍ରକୁ ବାହାରୁଥିଲୁ ଏବଂ ଆମ ନିକଟରେ କୌଣସି ଖାଦ୍ୟ ସାମଗ୍ରୀ ନଥିଲା କେବଳ ଗଛର ପତ୍ର ବ୍ୟତିତ । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଓଟ ପରି ଅବା ମେଷ ପରି ମଳତ୍ୟାଗ କରୁଥିଲେ ଅର୍ଥାତ ଶୁଖିଲା ମଳତ୍ୟାଗ କରୁଥିଲେ ବର୍ତମାନ ଏପରି ପରିସ୍ଥିତି ସୃଷ୍ଟି, ହୋଇଯାଇଛି ଯେ ବୁନ ଅସଦ୍ ବିନ୍ ଖଜିମା ମତେ ଇସ୍‌ଲାମ୍‌ର ଆଚର ବ୍ୟବହାର ଶିଖାଉଛନ୍ତି ତେବେ ତ ମୁଁ ହୀନ ଓ ନୀଚ ସାବ୍ୟସ୍ତ ହେଲି ଓ ମୋର ସମସ୍ତ ପୂଣ୍ୟକର୍ମ ନଷ୍ଟ ହୋଇଗଲା । ବନୁ ଅସଦ୍ ର ଲୋକେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଚୁଗୁଲି କରିଥିଲେ ଏବଂ କହିଥିଲେ କି ହଜ୍‌ରତ୍ ସାଆାଦ୍ ଆମକୁ ଭଲଭାବରେ ନମାଜ ପଢ଼ାଉନାହାନ୍ତି । ***(ସହି ବୁଖାରୀ କିତାବୁଲ୍ ଫଜାଇଲ୍............. ହଦିସ୍ ନଂ ୩୭୨୮) (ସୁନନେ ତିର୍‌ମିଜି......... ହଦିସ୍ ନଂ- ୨୩୬୫-୨୩୬୬)***

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

୨୩ ହିଜ୍‌ରୀରେ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ମରଣାତ୍ମକ ଆକ୍ରମଣ ହେଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କୁ କହିଲେ ଯେ ଆପଣମାନେ ଖିଲାଫତ୍ ପାଇଁ କେଉଁ ବ୍ୟକ୍ତିଙ୍କୁ ନାମାଙ୍କିତ କରିବେ ପ୍ରତିଉତରରେ ହଜ୍‌ରତ୍ ଉମର୍ ର:ଅ ଖିଲାଫତ୍ ପାଇଁ ଏକ ବୋର୍ଡ଼ ଗଠନ କରିଥିଲେ ଯେଉଁ ବୋର୍ଡ଼ରେ ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ଅଲୀ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍, ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲା ର:ଅଙ୍କ ପରି ସାହାବାମାନେ ଏହାର ସଦସ୍ୟ ଥିଲେ । ହଜ୍‌ରତ୍ ଉମର୍ ର:ଅ କହିଲେ, ଏହି ସାହାବାମାନଙ୍କ ମଧ୍ୟରୁ କୌଣସି ଜଣେ ବ୍ୟକ୍ତିଙ୍କୁ ନିର୍ବାଚିତ କରିନିଅ କାରଣ ରସୁଲୁଲ୍ଲାଃ ସ:ଆ:ସ ଏମାନଙ୍କୁ ବୈକୁଣ୍ଠର ଅଧିକାରି ରୂପେ ବିବେଚିତ କରିଛନ୍ତି । ପୁନଶ୍ଚ ହଜ୍‌ତର୍ ଉମର୍ ର:ଅ କହିଲେ, ଯଦି ଖିଲାଫତ୍ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ର:ଅଙ୍କୁ ପ୍ରାପ୍ତ ହୁଏ ତେବେ ସେ ହିଁ ଖଲିଫା ହେବେ ଅନ୍ୟଥା ଯିଏ ବି ତୁମମାନଙ୍କ ମଧ୍ୟରୁ ଖଲିଫା ହୁଅନ୍ତି ସେ ସାଆଦ୍‌ଙ୍କଠାରୁ ସାହାଯ୍ୟ ଲୋଡ଼ିବେ କାରଣ ମୁଁ ତାଙ୍କୁ ଏଥିପାଇଁ ନିଲମ୍ବିତ କରିନାହିଁ କି ସେ କୌଣସି ପ୍ରକାର କାର୍ଯ୍ୟ ସମ୍ପାଦନ କରିବାରେ ଅକ୍ଷମ ଓ ଅସମର୍ଥ ଥିଲେ ନା ଏଥିପାଇଁ କି ସେ କୌଣସି ବିଶ୍ୱାସଘାତକତା କରିଥିଲେ ।

*(ସହି ବୁଖାରୀ କିତାବୁଲ୍ ଫଜାଇଲ୍............. ହଦିସ୍ ନଂ ୩୭୦୦)*

*(ସହିବୁଖାରୀ କିତାବୁଲ୍ ଜନାଇଜ୍...... ହଦିସ୍ ନଂ-୧୩୯୨)*

ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ଖଲିଫା ହେଲେ ସେ ହଜ୍‌ରତ୍ ସାଆଦ୍‌ଙ୍କୁ ପୁନରାୟ କୁଫାର ହାକିମ୍ ମନୋନୀତ କରିଥିଲେ । ସେ ତିନିବର୍ଷ କାଳ ଏହି ଦାୟିତ୍ୱ ଭାର ବହନ କରିଥିଲେ, ତା'ପରେ କୌଣସି କାରଣ ବସତଃ ହଜ୍‌ରତ୍ ସାଆଦ୍‌ଙ୍କର ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କ ସହ ମତାନ୍ତର ହୋଇଥିଲା ଯେ କି ସେତେବେଳେ କୁଫାର କୋଷାଗାରର ଅଧକ୍ଷ ଥିଲେ । ଯଦ୍ୱାରା ହଜ୍‌ରତ୍ ଉସ୍‌ମାନ୍ ତାଙ୍କୁ ନିଲମ୍ବିତ କରିଥିଲେ, ଅର୍ଥାତ ହଜ୍‌ରତ୍ ସାଆଦ୍‌ଙ୍କୁ ନିଲମ୍ବିତ କରିଥିଲେ । ଏଥିଅନ୍ତେ ହଜ୍‌ରତ୍ ସାଆଦ୍ ମଦିନା ଆସି ଏକାନ୍ତ ବାସକୁ ଚାଲିଯାଇଥିଲେ । ଯେତେବେଳେ ହଜ୍‌ରତ୍ ଉସ୍‌ମାନଙ୍କ ବିଦ୍ରୋହ, ବିଶୃଙ୍ଖଳା ମୁଣ୍ଡ ଟେକିଥିଲା ସେତେବେଳେ ମଧ୍ୟ ହଜ୍‌ରତ୍ ସାଆଦ୍ ଏକାନ୍ତ ବାସରୁ ବାହାରି ନଥିଲେ ।

*(ସିରସ୍ ସାହାବ, ଖଣ୍ଡ-୨, ପୃ-୧୨୦)*

ଉଲ୍ଲେଖ ରହିଛି ଯେ, ଏକଦା ହଜ୍‌ରତ୍ ସାଆଦ୍‌ଙ୍କ ପୁତ୍ର ତାଙ୍କୁ କହିଲେ, ଏଭଳି ଅପ୍ରିତିକର ପରିସ୍ଥିତିରେ ଆପଣ ଜିହାଦ୍ କରିବା ପରିବର୍ତେ ନୀରବ ଓ ମୌନ ବସି ରହିଛନ୍ତି । ଏଥିରେ ସାଆଦ୍ ଉତର ଦେଲେ, ମୁଁ ସେ ପର୍ଯ୍ୟନ୍ତ ଲଢ଼ିବି ନାହିଁ ଯେ ପର୍ଯ୍ୟନ୍ତ ମତେ ଏପରି ଖଡ୍ଗ ଆଣି ଦିଆନଯାଇଛି । ଯାହାକି ବିଶ୍ୱାସକାରୀ ଓ ଅବିଶ୍ୱାସକାରୀଙ୍କୁ ଚିହ୍ନିପାରୁଥିବ । ଏବେ ତ ମୁସଲମାନ ମୁସଲମାନ ମଧ୍ୟରେ ଆପୋଷରେ ଯୁଦ୍ଧ କରୁଛନ୍ତି ।

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସାଆଦ୍ କହିଲେ, କି ମତେ ଏଭଳି ଏକ ଖଡ୍ଗ ଆଣିଦିଅ ଯାହାର ଚକ୍ଷୁ, ଓଠ ଓ ଜିହ୍ୱା ଥିବ ଯେ କହିବ ଯେ ଅମୁକ ଲୋକ ବିଶ୍ୱାସକାରୀ ଓ ଅମୁକ ଲୋକ ଅବିଶ୍ୱାସକାରୀ ଅଟେ, ଏ ପର୍ଯ୍ୟନ୍ତ ତ ମୁଁ କେବଳ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲି ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୬........... ବେରୁତ ୧୯୯୦)*

ସନନ୍ ତିରମିଜ୍‌ରେ ଉଲ୍ଲେଖ ରହିଛି, ହଜ୍‌ରତ୍ ସାଆଦ୍ ହଜ୍‌ରତ୍ ଉସ୍‌ମାନଙ୍କ ସମୟରେ ଯେଉଁ ଉପଦ୍ରବ ମୁଣ୍ଡ ଟେକିଥିଲା ତାହାର ସୁତ୍ରପାତ ହେବା କ୍ଷଣି କହିଥିଲେ ଯେ ମୁଁ ସାକ୍ଷ୍ୟ ଦେଉଛି ହଜୁର ସ:ଆ:ସ କହିଥିଲେ କି ଭବିଷ୍ୟତରେ ଏଭଳି ବିଦ୍ରୋହର ସୁତ୍ରପାତ ହେବ ଯେତେବେଳେ ବସି ରହିଥିବା ବ୍ୟକ୍ତି ଛିଡ଼ା ହୋଇଥିବା ବ୍ୟକ୍ତିଠାରୁ ଉତମ ଏବଂ ଛିଡ଼ା ହୋଇଥିବା ବ୍ୟକ୍ତି ଗମନ କରୁଥିବା ବ୍ୟକ୍ତିଠାରୁ ଶ୍ରେୟସ୍କର ହୋଇଥିବ ଏବଂ ଚାଲୁଥିବା ବ୍ୟକ୍ତି ଦଉଡୁଥିବା ବ୍ୟକ୍ତିଠାରୁ ଶ୍ରେୟସ୍କର ହୋଇଥିବ । ଅର୍ଥାତ କୌଣସି ପ୍ରକାର ବିଭ୍ରାଟ ଓ ବିଶୃଙ୍ଖଳାରେ ନିବୃତ ନ ହୋଇ ବରଂ ସେଥିରୁ ଅଲଗା ରହିବା ବା ନିବୃତ ରହିବା ଓ ସାମିଲ ନ ହେବା ଉଚିତ । ସେ ଯାହା ହେଉ ନା କାହିଁକି ଜଣେ ପ୍ରଶ୍ନ କଲା ଯଦି ବିଶୃଙ୍ଖଳା ନିଜ ଘରେ ପ୍ରବେଶ କରେ ତେବେ କଣ କରିବା । ଉତର ଦେଲେ ତେବେ ଇବ୍‌ନେ ଆଦ୍‌ମ ପରି ହୋଇଯିବ ଅର୍ଥାତ କୋରାନ୍‌ରେ ଯେପରି ଉଲ୍ଲେଖ ରହିଛି କି ନିଜର ସୁରକ୍ଷା କରିବା ଉଦ୍ଦେଶ୍ୟରେ ପ୍ରତିଦ୍ୱନ୍ଦିତା କରିବା ନା କି କାହାରିକୁ ହତ୍ୟା କରିବା ଉଦ୍ଦେଶ୍ୟରେ ।

ହଜ୍‌ରତ୍ ଉସ୍‌ମାନ୍‌ଙ୍କ ସମୟରେ ଯେତେବେଳେ ବିଦ୍ରୋହର ସୁତ୍ରପାତ ହେଲା ସେତେବେଳେ ସାହାବାମାନେ ଉକ୍ତ ଉପଦ୍ରବକୁ ଦୁର କରିବାକୁ ଯେଉଁ ସୁନ୍ଦର ପ୍ରୟାସ କରିଥିଲେ ତାହାର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯଦିଚ ସାହାବାଙ୍କୁ ହଜ୍‌ରତ୍ ଉସ୍‌ମାନଙ୍କ ସହ ଏକତ୍ରିତ ହେବାର ଅନୁମତି ଦିଆଯାଉନଥିଲା ତଥାପି ସେମାନେ ନିଜ କର୍ତବ୍ୟରୁ ଅନ୍ୟାସକ୍ତଚିତ ନଥିଲେ । ସେମାନେ ଦୁଇ ଭାଗରେ ନିଜ କାର୍ଯ୍ୟ ବିଭକ୍ତ କରିଦେଇଥିଲେ ଯେ ପରିଣତି ଅବସ୍ଥାରେ ପହଂଚି ଯାଇଥିଲେ ଏବଂ ଯାହାଙ୍କ ଚାରିତ୍ରିକ ପ୍ରଭାବ ଲୋକମାନଙ୍କ ନିକଟରେ ରହିଥିଲା ସେମାନେ ନିଜ ସମୟ ଲୋକମାନଙ୍କୁ ବୁଝାଇବାରେ ଖର୍ଚ୍ଚ କରୁଥିଲେ ଏବଂ ଯେଉଁମାନେ ଏମିତି ପ୍ରଭାବ ବିସ୍ତାର କରିନଥିଲେ ଅବା ଯୁବ ସାହାବା ଥିଲେ ସେମାନେ ହଜ୍‌ରତ୍ ଉସ୍‌ମାନଙ୍କ ସୁରକ୍ଷା ପ୍ରତି ଚେଷ୍ଟାରତ ଥିଲେ । ଆପଣ ଅଧିକନ୍ତୁ କୁହନ୍ତି ପ୍ରଥମ ଧାଡ଼ିରେ ହଜ୍‌ରତ୍ ଅଲୀ, ଓ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ପାର୍ଶୀମାନଙ୍କ ଉପଦ୍ରବକୁ ଦୁର୍ବଳ କରିବାପାଇଁ ସବୁଠାରୁ ଅଧିକ ପ୍ରୟାସରତ ଥିଲେ ।

*(ଇସ୍‌ଲ୍ମ ମେଁ ଇକ୍‌ତିଲାଫତ୍ କା ଆଗାଜ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୪, ପୃ-୩୨୧)*

ହଜ୍‌ରତ୍ ଉସ୍‌ମାନଙ୍କ ଅନ୍ତେ ହଜ୍‌ରତ୍ ଅଲୀଙ୍କ ଖିଲାଫତ୍ କାଳରେ ମଧ୍ୟ ହଜ୍‌ରତ୍ ସାଆଦ୍ ଏକାନ୍ତ ବାସରେ ଥିଲେ ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅଲୀ ଓ ଅମୀର ମାଅୱିୟାଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା ସେତେବେଳେ ଅମୀର ମାଅୱିୟା ତିନିଜଣ ସାହାବା ହଜ୍‌ରତ୍ ଅବ୍‌ଦୁଲ୍ଲା ବିନ୍ ଉମର୍, ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ଓ ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମାଙ୍କୁ ନିଜ ସାହାଯ୍ୟ ନିମନ୍ତେ ପତ୍ର ଲେଖିଥିଲେ କି ହଜ୍‌ରତ୍ ଅଲୀଙ୍କ ବିରୋଧରେ ମୋର ସାହାଯ୍ୟ କର । ଏଥିରେ ଉକ୍ତ ତିନିଜଣ ସାହାବା ତାଙ୍କର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ହଜ୍‌ରତ୍ ସାଆଦ୍ ତାଙ୍କୁ ଉତରରେ ଲେଖିଥିଲେ **ହେ ମାଅୱିୟା ତୁମେ ଏକ ପ୍ରଚଣ୍ଡ ବ୍ୟାଧିରେ ଆକ୍ରାନ୍ତ ହୋଇଯାଇଛ ଯାହାର କୌଣସି ଉପଚାର ନାହିଁ । କଣ ତୁମେ ଏତିକି ବୁଝିପାରୁନାହଁ ଯେ, ଅବୁ ହସନ୍ ଅର୍ଥାତ ହଜ୍‌ରତ୍ ଅଲୀ ମତେ ଲଢ଼ିବାକୁ କହିଥିଲେ କିନ୍ତୁ ମୁଁ ତାଙ୍କ କଥା ଗ୍ରହଣ କଲିନାହିଁ ଏବଂ ମୁଁ ତାଙ୍କୁ ଏହି ପରାମର୍ଶ ଦେଇଥିଲି କି ମତେ ଏଭଳି ଖଡ୍ଗ ଆଣିଦିଅ ଯିଏ ଚିହ୍ନିବାର ଶକ୍ତି ରଖୁଥିବ ଅର୍ଥାତ ଶତୃ ଓ ମିତ୍ର ମଧ୍ୟରେ ଫରକ୍ କରିପାରୁଥିବ । ହେ ମାଅୱିୟା କଣ ତୁମେ ଆଶା ବାନ୍ଧିଛ ଯେ, ଯୁଦ୍ଧ କରିବାପାଇଁ ହଜ୍‌ରତ୍ ଅଲୀଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିବାପରେ ମୁଁ ତୁମ କଥାରେ ରାଜି ହୋଇଯିବି, ଯେତେବେଳେ କି ହଜ୍‌ରତ୍ ଅଲୀଙ୍କ ଜୀବନର ଗୋଟିଏ ଦିନ ତୁମ ସାରା ଜୀବନ ଓ ମୃତ୍ୟୁଠାରୁ ଶ୍ରେୟସ୍କର । ତୁମେ ଏଭଳି ବ୍ୟକ୍ତିତ୍ୱ ବିରୋଧରେ ମତେ ଆମନ୍ତ୍ରିତ କରୁଛ ।** ଅସଦୁଲ୍ ଗାବାଃରେ ଏହି ବର୍ଣ୍ଣନାଟି ଦରଜ ରହିଛି ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୫୫.......... ବେରୁତ)*

ଆଉଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଏକଦା ଅମୀର ମାଅୱିୟା ହଜ୍‌ରତ୍ ସାଆଦ୍ ର:ଅଙ୍କୁ ପଚାରିଲେ ଯେ, ହଜ୍‌ରତ୍ ଅଲୀ ର:ଅଙ୍କ କୁନିୟତ ଅବୁ ତୁରାବ୍ ଥିଲା । ତାଙ୍କୁ ଖରାପ କହିବାରୁ ଆପଣଙ୍କୁ କେଉଁ କଥା ବାରଣ କରୁଛି । ସେ ତାଙ୍କୁ ଖରାପ ବୋଲି ମଣୁଥିଲେ, ହଜ୍‌ରତ୍ ସାଆଦ୍ ର:ଅ କହିଲେ, ହଜୁର ସ:ଆ:ସ ତାଙ୍କ ସମ୍ପର୍କରେ ତିନୋଟି କଥା କହିଛନ୍ତି, ତନ୍ମଧ୍ୟରୁ ଯଦି ମତେ ଗୋଟିଏ କଥା ମଧ୍ୟ ମିଳିଯାଇଥାନ୍ତା ତେବେ ତାହା ମୋ ପାଇଁ ଲାଲି ଓଟଠାରୁ ଶ୍ରେୟସ୍କର ହୋଇଥାନ୍ତା । ଅର୍ଥାତ ମୁଁ ନିଜକୁ ଧନ୍ୟ ମଣୁଥାନ୍ତି । ମୁଁ ତିନୋଟି କଥା ଯୋଗୁଁ ହଜ୍‌ରତ୍ ଅଲୀ ର:ଅଙ୍କୁ ମନ୍ଦ ବୋଲି କହିପାରିବି ନାହିଁ । ପ୍ରଥମତଃ ଏକଦା ହଜୁର ସ:ଆ:ସ ହଜ୍‌ରତ୍ ଅଲୀଙ୍କୁ ନିଜ ପଛରେ ମହିଳା ଓ ପିଲାମାନଙ୍କ ଯତ୍ନ ନେବାର ଦାୟିତ୍ୱ ନ୍ୟସ୍ତ କରି ଯୁଦ୍ଧ କ୍ଷେତ୍ରକୁ ବାହାରି ପଡ଼ିଥିଲେ । ପ୍ରତିଉତରରେ ହଜ୍‌ରତ୍ ଅଲୀ ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ଆପଣ ମତେ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଦାୟିତ୍ୱରେ କାହିଁ ଛାଡ଼ିଯାଉଛନ୍ତି । ହଜୁର କହିଲେ କଣ ତୁମେ ଏଥିରେ ପ୍ରସନ୍ନ ନାହଁ ଯେ, ତୁମର ମୋ ସହିତ ସେହିପରି ସମ୍ପର୍କ ରହିଛି ଯେପରି ହଜ୍‌ରତ୍ ମୁସା, ହଜ୍‌ରତ୍ ହାରୁନ୍ ଆ:ସଙ୍କ ସହିତ ଥିଲା । କିନ୍ତୁ ଉକ୍ତ କଥାରେ କେବଳ ଗୋଟିଏ ଅନ୍ତର ରହିଛି ଏବଂ ତାହା ହେଉଛି ହଜ୍‌ରତ୍ ହାରୁନ୍ ଆ:ସ ନବୀ ଥିଲେ ଏବଂ ମୋ ବିୟୋଗ ପରେ ତୁମକୁ ଅବତାରତ୍ୱର ମର୍ଯ୍ୟାଦା ପ୍ରାପ୍ତ ହେବନାହିଁ ।

ଦ୍ୱିତୀୟତଃ ଖୈବର ଯୁଦ୍ଧ ଅବସରରେ ହଜୁର ସ:ଆ:ସ କହିଲେ ଯେ ମୁଁ ଏପରି ବ୍ୟକ୍ତିଙ୍କୁ ଇସ୍‌ଲାମ୍‌ର ଧ୍ୱଜା ପ୍ରଦାନ କରିବି ଯିଏ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କୁ ଭଲ ପାଉଥିବ ଫଳସ୍ୱରୁପ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏହି ଇଚ୍ଛା ପ୍ରକାଶ କଲା କି ଧ୍ୱଜା ଆମକୁ ପ୍ରାପ୍ତ ହୁଅନ୍ତା କି କାରଣ ଆମେମାନେ ମଧ୍ୟ ଅଲ୍ଲାଃ ତାଲା ଓ ରସୁଲ୍‌ଙ୍କ ସହିତ ପ୍ରିତିସମ୍ପର୍କ ରଖୁଛୁ । ସୁତରାଂ ହଜୁର ସ:ଆ:ସ ଆମମାନଙ୍କ ମଧ୍ୟରୁ କାହାରିକୁ ଧ୍ୱଜା ପ୍ରଦାନ କଲେ ନାହିଁ ପରିଶେଷରେ କହିଲେ , ହଜ୍‌ରତ୍ ଅଲୀ ର:ଅଙ୍କୁ ଡ଼ାକ, ହଜ୍‌ରତ୍ ଅଲୀ ଆସିଲେ ତାଙ୍କର ଚକ୍ଷୁର ସମସ୍ୟା ରହିଥିଲା, ହଜୁର ସ:ଆ:ସ ନିଜ ମୁଖର ପବିତ୍ର ଲାଳ ତାଙ୍କ ଆଖିରେ ଲଗାଇଥିଲେ ଏବଂ ତାଙ୍କୁ ଇସ୍‌ଲାମ୍‌ର ଧ୍ୱଜା ପ୍ରଦାନ କରିଥିଲେ । ଅଲ୍ଲାଃ ତାଲା ସେଦିନ ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କରିଥିଲା ।

ପୁନଶ୍ଚ ଯେତେବେଳେ ସେ ତୃତୀୟ କଥା ବର୍ଣ୍ଣନା କଲେ, ସେତେବେଳେ ନିମ୍ନ ଆୟତଟି ଅବତୀର୍ଣ୍ଣ ହେଲା, **ଫକୁଲ ତାଆଲୁ ନଦ୍‌ଉ ଅବ୍‌ନାଅନା ୱ ଅବ୍‌ନାଆକୁମ୍ ୱ ନିସାଅନା ୱ ନିସାଅକୁମ୍ (ଆଲେ ଇମ୍‌ରାନ୍:୬୨)** ଅର୍ଥାତ ତୁମ୍ଭେ କହିଦିଅ ଯେ, ଆସ ଆମେ ନିଜ ପୁତ୍ରମାନଙ୍କୁ ଡ଼ାକିବା ଏବଂ ତୁମେ ନିଜ ପୁତ୍ରମାନଙ୍କୁ ଡ଼ାକ, ଆମେ ନିଜ ମହିଳାମାନଙ୍କୁ ଡ଼ାକୁଛୁ ଏବଂ ତୁମେ ନିଜ ମହିଳାମାନଙ୍କୁ ଡ଼ାକ । ଯେତେବେଳେ ଉକ୍ତ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

ଆୟତଟି ଅବତୀର୍ଣ୍ଣ ହେଲା ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅ ଓ ଫାତିମା ଓ ହସନ୍ ର:ଅ ତଥା ହୁସୈନ୍ ର:ଅଙ୍କୁ ଡ଼ାକିଥିଲେ ଯେ, ହେ ପ୍ରଭୁ ଏମାନେ ହେଉଛନ୍ତି ମୋର କୁଟୁମ୍ବ । ଏହା ହେଉଛି ତିର୍‌ମିଜ୍‌ର ବର୍ଣ୍ଣନା । ***(ସୁନନେ ତିର୍‌ମିଜି ଅବ୍‌ୱାବୁଲ୍ ମନାକିବ୍......... ହଦିସ୍ ନଂ- ୩୭୨୪)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ସୁପୁତ୍ର ମସବ୍ ବିନ୍ ସାଆଦ୍ ବର୍ଣ୍ଣନା କରନ୍ତି, ଯେ ଯେତେବେଳେ ମୋ ପିତାଙ୍କ ଶେଷ ସମୟ ଆସିଲା ସେତେବେଳେ ତାଙ୍କର ମସ୍ତକ ମୋ କୋଳରେ ଥିଲା । ମୋ ପିତା ମୋର ଲୁହକୁ ଦେଖିପାରୁନଥିଲେ ଏବଂ ମତେ କହିଲେ ହେ ମୋର ପ୍ରୀୟ ପୁତ୍ର କେଉଁକଥା ତୁମକୁ ରୋଦନ କରାଉଛି ମୁଁ ଉତର ଦେଲି ହେ ପିତାଶ୍ରୀ ଆପଣଙ୍କ ବିୟୋଗର ବ୍ୟଥା ଏବଂ ଆପଣଙ୍କ ବିୟୋଗ ପରେ ମୁଁ ଆପଣଙ୍କ ସ୍ଥାନରେ ଅନ୍ୟ କୌଣସି ବ୍ୟକ୍ତିକୁ ଆପଣଙ୍କ ସମତୁଲ୍ୟ ପାଉନାହିଁ । ପ୍ରତିଉତରରେ ହଜ୍‌ରତ୍ ସାଆଦ୍ ର:ଅ କହିଲେ, ମୋ ମୃତ୍ୟୁରେ ତୁମେ ଲୁହ ଝରାଅନାହିଁ ଅଲ୍ଲାଃ ତାଲା କଦାପି ମତେ ନର୍କଗାମୀ କରିବେ ନାହିଁ କାରଣ ମୁଁ ବୈକୁଣ୍ଠ ବାସୀଙ୍କ ମଧ୍ୟରୁ ଜଣେ । କେତେକ ଲୋକ ଆପତି କରନ୍ତି ଯେ, ସେ କିପରି ବୈକୁଣ୍ଠ ବାସୀ ହୋଇଗଲେ ସେ ନିଜେ ଏକଥା କିପରି କହିପାରିଲେ, ତେବେ ଏହାର ଉତର ହଜ୍‌ରତ୍ ସାଆଦ୍ ର:ଅ ଏଠାରେ ମଧ୍ୟ କହିଛନ୍ତି, ଯେ ମୁଁ ବୈକୁଣ୍ଠ ବାସୀ ମଧ୍ୟରୁ ଜଣେ ଯାହାର ଭବିଷ୍ୟବାଣୀ ଅଲ୍ଲାଃଙ୍କ ରସୁଲ୍ କରିଥିଲେ, ଅଲ୍ଲାଃ ତାଲା ବିଶ୍ୱାସକାରୀମାନଙ୍କୁ ସେମାନଙ୍କର ପୂଣ୍ୟର ଫଳ ପ୍ରଦାନ କରିଦେଇଥାନ୍ତି । ଯେଉଁ ପୂଣ୍ୟ ସେମାନେ ନିଜ ଜୀବନରେ କରିଛନ୍ତି । ଏବଂ ଅବିଶ୍ୱାସକାରୀମାନଙ୍କର ଯେଉଁଠି ପ୍ରସଙ୍ଗ ରହିଛି ତେବେ ସେ ପରିପ୍ରେକ୍ଷୀରେ ଅଲ୍ଲାଃ ତାଲା ସେମାନଙ୍କର ସତ୍‌କର୍ମ ଯୋଗୁଁ ସେମାନଙ୍କ ଶାସ୍ତିକୁ କୋହଳ କରିଦିଅନ୍ତି କିନ୍ତୁ ଯେତେବେଳେ ସେମାନଙ୍କର ସତ୍‌କର୍ମର ପରିସମାପ୍ତି ଘଟେ, ସେତେବେଳେ ଅଲ୍ଲାଃ ତାଲା ସେମାନଙ୍କୁ ପୂର୍ନବାର ଶାସ୍ତି ଦେଇଥାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ କର୍ମର ଫଳ ତା'ଠାରୁ ମାଗିବା ଉଚିତ । କାରଣ ସେ ତା ଖାତିର ଏହି କର୍ମ କରିଥାଏ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୮-୧୦୯............ ବେରୁତ ୧୯୯୦)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ପୁତ୍ର ବର୍ଣ୍ଣନା କରନ୍ତି, ମୁଁ ନିଜ ପିତାଙ୍କୁ ପଚାରିଲି ଯେ ହେ ମୋର ପିତା ମୁଁ ଏହା ଅବଲୋକନ କରୁଛି ଯେ ଆପଣ ଅନ୍‌ସାରମାନଙ୍କ ସହିତ ଯେଉଁଭଳି ବ୍ୟବହାର କରିଛନ୍ତି ସେହିଭଳି ବ୍ୟବହାର ଅନ୍ୟ ଗୋଷ୍ଠୀଙ୍କ ସହ ପ୍ରଦର୍ଶନ କରୁନାହାନ୍ତି । ପ୍ରତିଉତରରେ ହଜ୍‌ରତ୍ ସାଆଦ୍ କହିଲେ, ହେ ମୋର ପୁତ୍ର ତୁମ ହୃଦୟରେ ସେମାନଙ୍କ ପ୍ରତି କୌଣସି ସମ୍ବେଦନା ରହିଛି କି, କିମ୍ବା ଅନ୍‌ସାରଙ୍କ ସହିତ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରୁଛି ସେହିଭଳି ବ୍ୟବହାର ଅନ୍ୟ ଗୋଷ୍ଠୀଙ୍କ ସହିତ କାହିଁକି ପ୍ରଦର୍ଶନ କରୁନାହିଁ । ଏ ସକ୍ରାନ୍ତରେ ତୁମ ମନ ଭିତରେ କୌଣସି ପ୍ରଶ୍ନ ରହିଛି କି । ହଜ୍‌ରତ୍ ସାଆଦ୍ ର:ଅଙ୍କ ପୁତ୍ର ଉତର ଦେଲେ, ହଁ କିନ୍ତୁ ମୁଁ ଆପଣଙ୍କର ଏଭଳି ଆଚରଣ ଓ ପ୍ରସଙ୍ଗକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୁଏ, ହଜ୍‌ରତ୍ ସାଆଦ୍ ର:ଅ ଉତର ଦେଲେ ମୁଁ ହଜୁର ସ:ଆ:ସଙ୍କଠାରୁ ଶୁଣିଛି ଯେ ବିଶ୍ୱାସକାରୀ ହିଁ ସେମାନଙ୍କୁ ବନ୍ଧୁବୋଲି ଗ୍ରହଣ କରିଥାଏ ଓ କପଟ ବିଶ୍ୱାସୀ ସେମାନଙ୍କ ପ୍ରତି ବିଦ୍ୱେଷଭାବ ପୋଷଣ କରିଥାଏ ସୁତରାଂ ଅନ୍‌ସାରମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଯୋଗୁଁ ସେମାନଙ୍କ ସହିତ ଏହିଭଳି ବ୍ୟବହାର ପ୍ରଦର୍ଶନ କରୁଅଛି ।
***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୫୬.......... ବେରୁତ ୨୦୦୩)***

ଜରିର୍ ର:ଅ ବର୍ଣ୍ଣନା କରନ୍ତି, ଯେ ଏକଦା ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଉପସ୍ଥିତ ହେଲି, ଯେତେବେଳେ ସେ ତାଙ୍କ ସମୀପରୁ ଅତିକ୍ରମ କଲେ, ସେତେବେଳେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ପ୍ରସଙ୍ଗରେ ତାଙ୍କୁ ପ୍ରଶ୍ନ କଲେ କି ସେ କିପରି । ସେ ଉତର ଦେଲେ ଯେ ମୁଁ ତାଙ୍କୁ ଏଭଳି ଅବସ୍ଥାରେ ଛାଡ଼ି ଯାଇଛି ଯେ ସେ ନିଜ ଶାସନକାଳରେ ସର୍ବାଧିକ ସଜ୍ଜନ ବ୍ୟକ୍ତି ଥିଲେ । କଠୋରତା ଅବଲମ୍ବନ କରିବାରେ ସେ ସମସ୍ତଙ୍କ ତୁଳନାରେ ଦୟାମୟ ଓ ନମ୍ରଥିଲେ ସେ ସେମାନଙ୍କୁ ଏଭଳି ଏକତ୍ରିତ କରନ୍ତି ଯେଉଁଭଳି ପିମ୍ପୁଡ଼ି ଖାଦ୍ୟ କିମ୍ବା ଅନ୍ୟ ପିମ୍ପୁଡ଼ିମାନଙ୍କୁ ଏକତ୍ରିତ କରିଥାଏ । ସେ ଯୁଦ୍ଧ ସମୟରେ ସମସ୍ତ ଲୋକମାନଙ୍କ ଅପେକ୍ଷା ଜଣେ ବୀର ଓ ସାହାସି ତଥା କୁରୈଶ୍‌ର ସମସ୍ତ ଲୋକଙ୍କ ମଧ୍ୟରୁ ସବୁଠୁ ପ୍ରିୟ ଥିଲେ ।
***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୬୪......... ବେରୁତ ୧୯୯୫)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ୫୫ ହିଜ୍‌ରୀରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁ ବେଳେ ତାଙ୍କୁ ୭୦ ବର୍ଷ ବୟସରୁ କିଛି ଅଧିକ ବର୍ଷ ହୋଇଥିଲା । କେତେକଙ୍କ ନିକଟରେ ତାଙ୍କ ବୟସ ୭୪ ବର୍ଷ ବୟସ ହୋଇଥିଲା । ଅପରପକ୍ଷରେ ଅନ୍ୟ କେତେକଙ୍କ କହିବା ଅନୁଯାୟୀ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା ।
***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୧୦............ ବେରୁତ ୧୯୯୦)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ବୟସ ସମ୍ବନ୍ଧରେ ବିଭିନ୍ନ ପ୍ରକାର ମତଭେଦ ରହିଛି । ଭିନ୍ନ ଭିନ୍ନ ବର୍ଣ୍ଣନାରେ ତାଙ୍କ ବିୟୋଗ ବର୍ଷ ୫୧ ହିଜ୍‌ରୀରୁ ନେଇ ୫୮ ହିଜ୍‌ରୀ ପର୍ଯ୍ୟନ୍ତ ବର୍ଣ୍ଣିତ ରହିଛି କିନ୍ତୁ ଅନେକ ବ୍ୟକ୍ତିମାନେ ତାଙ୍କ ତିରୋଧାନର ବୟସ ୫୫ ହିଜ୍‌ରୀ ବୋଲି ମତପୋଷଣ କରନ୍ତି । ***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୫୬.......... ବେରୁତ)***

ବିୟୋଗ ବେଳେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ୨ ଲକ୍ଷ ୫୦ ହଜାର ଟଙ୍କାର ସମ୍ପତି ଛାଡ଼ି ଯାଇଥିଲେ ।
***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୧୦............ ବେରୁତ ୧୯୯୦)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ଅକିକ୍ ନାମକ ସ୍ଥାନରେ ମୃତ୍ୟୁବରଣ କରିଥିଲେ ଯାହାକି ମଦିନାଠାରୁ ପ୍ରାୟ ସାତ ମାଇଲ ଦୁରରେ ଅବସ୍ଥିତ କିମ୍ବା ଦଶ ମାଇଲ ଦୁରତାରେ ଅବସ୍ଥିତ । ଅନ୍ୟ କେତେକ କହିବା ଅନୁଯାୟୀ ତାଙ୍କର ମରଶରୀରକୁ ଲୋକମାନେ କାନ୍ଧରେ ବହନ କରି ମଦିନା ଆଣିଥିଲେ ଓ ମସ୍‌ଜିଦ୍ ନବୱିରେ ତାଙ୍କର ଯନାଜାଃ ସମ୍ପନ୍ନ ହୋଇଥିଲା । ତାଙ୍କର ଯନାଜାଃ ମର୍‌ୱାନ୍ ବିନ୍ ହକମ୍ ପଢ଼ାଇଥିଲେ, ଯେ କି ସେତେବେଳେ ମଦିନାର ଶାସକ ଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ଯନାଜାଃରେ ହଜୁର ସ:ଆ:ସଙ୍କ ପତ୍ନୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ, ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କୁ ଜନ୍ନତୁଲ୍ ବକିରେ କବର ଦିଆଯାଇଥିଲା ।
***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୫୬.......... ବେରୁତ) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୫୬............ ବେରୁତ ୧୯୯୦) (ଅଲ୍‌ଇସ୍‌ତିୟାବ....... ଖଣ୍ଡ-୨, ପୃ-୬୧୦.......... ବେରୁତ)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ବିୟୋଗ ସମ୍ପର୍କରେ ବିଭିନ୍ନ ପ୍ରକାର ବର୍ଣ୍ଣନା ଦେଖିବାକୁ ମିଳିଥାଏ । ହଜ୍‌ରତ୍ ଉବ୍‌ଦୁଲ୍ଲାଃ ବିନ୍ ଜୁବୈର ର:ଅ, ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣନା କରନ୍ତି ଯେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ବିୟୋଗ ଘଟିଲା ସେତେବେଳେ ହଜୁର ସ:ଆ:ସଙ୍କ ସହଧର୍ମିଣିମାନେ ଏହି ଖବର ପ୍ରେରଣ କଲେ ଯେ, ଲୋକମାନେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ଯନାଜାଃକୁ ମସ୍‌ଜିଦ୍‌କୁ ନେଇ ଆସନ୍ତୁ । ଯଦ୍ୱାରା ସେମାନେ ଅର୍ଥାତ ହଜୁର ସ:ଆ:ସଙ୍କ ସହଧର୍ମିଣିମାନେ ତାଙ୍କ ଯନାଜାଃ ପଢ଼ି ପାରିବେ । ସୁତରାଂ ଲୋକମାନେ ତାହା ହିଁ କଲେ, ଯନାଇଜ୍‌ଠାରୁ ସେମାନଙ୍କ କୋଠରୀ ସମ୍ମୁଖରେ ରଖାଗଲା । ସେମାନେ ଯେପରି ସାଆଦ୍‌ଙ୍କର ଯନାଜାଃ ପଢ଼ିପାରିବେ । ପୁନଶ୍ଚ ସେମାନଙ୍କୁ ବାବୁଲ୍ ଯନାୟାଠାରୁ ବାହାରକୁ ନିଆଗଲା ଯାହାକି ବସିବା ସ୍ଥାନର ଖୁବ୍ ନିକଟବର୍ତୀ ଥିଲା । ପୁନଶ୍ଚ ହଜୁର ସ:ଆ:ସଙ୍କ ପବିତ୍ର ସହଧର୍ମୀଣିମାନଙ୍କୁ ଏହି ସୁଚନା ମିଳିଲା ଯେ, ଲୋକମାନେ ଯନାଜାଃକୁ ମସ୍‌ଜିଦ୍ ଭିତରକୁ ଆଣିବା ପ୍ରସଙ୍ଗକୁ କେନ୍ଦ୍ରକରି ସମାଲୋଚନା କରୁଛନ୍ତି ଏବଂ କହୁଛନ୍ତି ଯେ, ମସ୍‌ଜିଦ୍ ଭିତରକୁ ଯନାଜାଃ ପ୍ରବେଶ କରାଇବା ନିସିଦ୍ଧ ସୁତରାଂ ଯେତେବେଳେ ହଜ୍‌ରତ୍ ଆଇଶା ର:ଅ ଏହି କଥା ଜାଣିବାକୁ ପାଇଲେ କି ଲୋକମାନେ କେତେ ଶିଘ୍ର ଏପରି କଥା ଉପରେ ସମାଲୋଚନା କରିବା ଆରମ୍ଭ କରିଦେଲେଣି ଯାହାର ସେମାନଙ୍କୁ କୌଣସି ଧାରଣା ନାହିଁ । ହଜ୍‌ରତ୍ ଆଇଶା ର:ଅ କହିଲେ ଲୋକମାନେ ଆମ ଉପରେ ଆପତି କରୁଛନ୍ତି, ମସ୍‌ଜିଦ୍ ଭିତରକୁ ଯନାଜାଃ ଅତିକ୍ରମ କରିବା ପ୍ରସଙ୍ଗରେ, ଯେବେ କି ଅପରପକ୍ଷରେ ହଜୁର ସ:ଆ:ସ ହଜ୍‌ରତ୍ ସୁହେଲ୍ ବିନ୍ ବୈଦାଆ ର:ଅଙ୍କ ଯନାଜାଃ ମସ୍‌ଜିଦ୍ ଭିତରେ ହିଁ ପଢ଼ାଇଥିଲେ ଏବଂ ଏହା ମୁସ୍‌ଲିମ୍‌ର ବର୍ଣ୍ଣନା ଅଟେ ।
***(ସହି ମୁସ୍‌ଲିମ୍ କିତାବୁଲ୍ ଯାନଇଜ୍.........୯୭୩) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୯............ ଲେବ୍‌ନାନ୍୧୯୯୦)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ଜୀବନର ଶେଷ କ୍ଷଣରେ ସେ, ଏହି ୱସିୟତ କରିଥିଲେ ଯେ ମୋ ପାଇଁ କବର ପ୍ରସ୍ତୁତ କରିବ ଏବଂ ସେହି କବର ଉପରେ ଇଟା ଲଗାଇବ ଯେପରି ହଜୁର ସ:ଆ:ସଙ୍କର କବରକୁ ପକ୍କା କରିଦିଆଯାଇଛି ସେହିପରି କରିବ ।ଏହା ମଧ୍ୟ ମୁସ୍‌ଲିମ୍‌ର ବର୍ଣ୍ଣନା ଅଟେ ।
***(ସହି ମୁସ୍‌ଲିମ୍ କିତାବୁଲ୍ ଯାନଇଜ୍ ........ ୯୬୬)***

ହିଜ୍‌ରତ୍‌କାରୀଙ୍କ ମଧ୍ୟରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ସର୍ବଶେଷରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବେଳେ ପୁରୁଷମାନଙ୍କ ମଧ୍ୟରୁ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ନିଜର ଏକ ପଶମ ବସ୍ତ୍ର ବାହାର କରିଥିଲେ ଓ ୱସିୟତ କରିଥିଲେ ଯେ ମତେ ଏହି ପଶମ ବସ୍ତ୍ର କଫନ ଆକାରରେ ପିନ୍ଧାଇଦେବ । କାରଣ ମୁଁ ଏହି ପଶମ ବସ୍ତ୍ରକୁ ପରିଧାନ କରି ବଦର ଯୁଦ୍ଧରେ ସାମିଲ ହୋଇଥିଲି ଏବଂ ସେବେଠାରୁ ଆଜି ପର୍ଯ୍ୟନ୍ତ ଏହି ଉଦ୍ଦେଶ୍ୟରେ ଏହାକୁ ସାଇତି ରଖିଛି । ***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୫୬.......... ଲେବ୍‌ନାନ୍)***

ହଜ୍‌ରତ୍ ସାହାବାଯାଦା ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରନ୍ତି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଶାସନକାଳରେ ଯେତେବେଳେ ସାହାବାମାନଙ୍କର ଭତା ନିରୁପଣ କରାଗଲା, ସେତେବେଳେ ବଦ୍‌ରି ସାହାବାମାନଙ୍କର ଭତା ଅନ୍ୟମାନଙ୍କ ତୁଳନାରେ ଅଧିକ ଭାବରେ ନିର୍ଦ୍ଧାରିତ କରାଯାଇଥିଲା । ସ୍ୱୟମଂ ସାହାବାମାନେ ବଦର୍ ଯୁଦ୍ଧରେ ସାମିଲ ହୋଇଥିବା ଯୋଗୁଁ ନିଜକୁ ବିଶେଷ ରୂପେ ଗର୍ବିତ ମନେକରୁଥିଲେ ସୁତରାଂ ଗବେଷକ ତଥା ସମାଲୋଚକ ୱଲିୟମ୍ ମିୟର ସାହେବ୍ ଉଲ୍ଲେଖ କରନ୍ତି ଯେ, ବଦରୀ ସାହାବାମାନେ ଇସ୍‌ଲାମୀୟ ସମାଜରେ ସର୍ବୋଚ୍ଚ ପଦମର୍ଯ୍ୟାଦାର ସ୍ଥାନ ପାଇଛନ୍ତି ଯେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ଅଶି ବର୍ଷ ବୟସରେ ମୃତ୍ୟୁବରଣ କରିବାକୁ ଲାଗିଲେ ସେତେବେଳେ ସେ କହିଲେ ମୋ ପାଇଁ ସେହି ପଗଡ଼ି ଆଣ ଯେଉଁ ପଗଡ଼ିକୁ ପିନ୍ଧି ମୁଁ ବଦର ଯୁଦ୍ଧରେ ସାମିଲ ହୋଇଥିଲି ଏବଂ ଯାହାକୁ ଆଜି ପର୍ଯ୍ୟନ୍ତ ମୁଁ ସାଇତି ରଖିଛି ଏ ହେଉଛି ସେହି ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ଯିଏ ବଦର ଯୁଦ୍ଧ ସମୟରେ ସମ୍ପୂର୍ଣ୍ଣ

ତରୁଣ ଯୁବକଟିଏ ଥିଲେ ଓ ପରବର୍ତୀ ପର୍ଯ୍ୟାୟରେ ଯାହାଙ୍କ ହସ୍ତରେ ଇରାନ୍ ବିଜୟ ହୋଇଥିଲା ଏବଂ ଯିଏ କୁଫାର ସଂସ୍ଥାପକ ଓ ଇରାକ୍‌ର ଗଭର୍ଣ୍ଣର ଥିଲେ କିନ୍ତୁ ତାଙ୍କ ଦୃଷ୍ଟିରେ ସମ୍ମାନ ପ୍ରତିଷ୍ଠା ଓ ଗାରିମା ବଦର ଯୁଦ୍ଧ ତୁଳନାରେ ସମ୍ପୁର୍ଣ୍ଣରୂପେ ତୁଚ୍ଛ ଓ ହୀନ ଥିଲା । ଏବଂ ବଦର ଯୁଦ୍ଧ ଦିନର ବସ୍ତ୍ରକୁ ସେ ସମସ୍ତ ବସ୍ତ୍ର ଅପେକ୍ଷା ଅଧିକ ମହତ୍ୱ ଦେଇଥିଲେ । ତାଙ୍କର ଶେଷ ଇଚ୍ଛା ଏହା ଥିଲା ଯେ, ତାଙ୍କୁ ସେହି ବସ୍ତ୍ରରେ ହିଁ କବର ଦିଆଯାଉ ଯେଉଁ ବସ୍ତ୍ରକୁ ସେ ପରିଧାନ କରି ବଦର୍ ଯୁଦ୍ଧରେ ସାମିଲ ହୋଇଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ, ପୃ-୩୭୩)***

ଯଦିଓ ପୂର୍ବେ କୌଣସି ବର୍ଣ୍ଣନାରେ ଏହାର ଚର୍ଚ୍ଚା ହୋଇଛି ଯେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ କସ୍‌ରେ ସାଆଦ୍ ଅର୍ଥାତ ସାଆଦ୍‌ଙ୍କ ମହଲ ତିଆରି କରିଥିଲେ ତେଣୁ କାହା ମନରେ ଏହି ପ୍ରଶ୍ନ ଉଙ୍କିମାରି ପାରେ ଯେ ସେ ଏପରି କାହିଁକି କରିଥିଲେ ? ତେବେ ଏହାର ଉତରରେ ଏହା ମନେ ରଖିବା ଉଚିତ ଯେ, ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ଜୀବନର ଶେଷ ପ୍ରଯ୍ୟାୟରେ ଏକାନ୍ତ ବାସ ଅବଲମ୍ବନ କରିଥିଲେ ଏବଂ ପରେ ଯଦି କୌଣସି ବସ୍ତୁ ପସନ୍ଦ କରିଥିଲେ ତାହା ଥିଲା ବଦର ଯୁଦ୍ଧରେ ପିନ୍ଧିଥିବା ବସ୍ତ୍ର । ଏହା ପୂର୍ବରୁ ମଧ୍ୟ ତାଙ୍କର ଏକାନ୍ତ ବାସର ଯେଉଁ ଅବସ୍ଥା ରହିଥିଲା ତାହା ତାଙ୍କ ସରଳ, ବିନମ୍ର ଜୀବନର ଜ୍ୱଳନ୍ତ ପ୍ରମାଣ ଅଟେ ।

ହଜ୍‌ରତ୍ ସାଆଦ୍ ର:ଅ ବର୍ଣ୍ଣନା କରନ୍ତି ଯେତେବେଳେ ମୁଁ ବଦର ଯୁଦ୍ଧରେ ସାମିଲ ହୋଇଥିଲି ସେତେବେଳେ ମୋର ଏକମାତ୍ର କନ୍ୟା ସନ୍ତାନ ଥିଲା । ଅନ୍ୟ ବର୍ଣ୍ଣନାରୁ ଜଣାପଡ଼େ ଯେ, ହୁଜ୍ଜତୁଲ୍ ୱିଦା ଅବସରରେ ମଧ୍ୟ ତାଙ୍କର ଏକମାତ୍ର ହିଁ କନ୍ୟା ସନ୍ତାନ ଥିଲା । ପୁନଶ୍ଚ ଏହାପରେ ଅଲ୍ଲାଃ ତାଲା ତାଙ୍କ ଉପରେ ଏଭଳି କୃପା କଲେ ଯେ, ସନ୍ତାନଙ୍କର ସଂଖ୍ୟା ବହୁତ ବଢ଼ିଯାଇଥିଲା । ହଜ୍‌ରତ୍ ସାଆଦ୍ ଭିନ୍ନ ଭିନ୍ନ ସମୟରେ ପ୍ରାୟ ନଅଟି ବିବାହ କରିଥିଲେ ଏବଂ ସେମାନଙ୍କ ଠାରୁ ଅଲ୍ଲାଃ ତାଲା ତାଙ୍କୁ ୩୪ଟି ସନ୍ତାନ ପ୍ରଦାନ କରିଥବଲେ । ତନ୍ମଧ୍ୟରୁ ୧୭ଜଣ ବାଳକ ଓ ୧୭ ଜଣ ବାଳିକା ସନ୍ତାନ ଥିଲେ ।

***(ରୌଶନ୍ ସିତାରେ........... ଖଣ୍ଡ-୨, ପୃ-୯୮-୯୯) (ଅଲ୍‌ଅସାବାଃ....... ଖଣ୍ଡ-୫, ପୃ-୨୧୯.......... ବେରୁତ ୧୯୯୫)***

ବର୍ତମାନ ଏଠାରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ଚର୍ଚ୍ଚା ସମାପ୍ତ ହେଲା । ଆଗାମି ଖୁତ୍‌ବାରେ ଇନ୍‌ଶାଅଲ୍ଲାଃ ପରବର୍ତୀ ସାହାବାଙ୍କର ଚର୍ଚ୍ଚା କରିବି ।

ଆଜି ମୁଁ ନମାଜ ପରେ କେତେକ ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି । ପ୍ରଥମ ଯନାଜାଃ ହେଉଛି ସମ୍ମାନୀୟ ସଫ୍‌ଦର୍ ଅଲୀ ସାହେବଙ୍କର ସେ ମସ୍‌ଜିଦ୍ ଫଜଲ୍‌ର ଅତିଥି ବିଭାଗରେ ସ୍ୱେଚ୍ଛାକୃତ ଭାବରେ ସେବା ସମ୍ପାଦନ କରୁଥିଲେ । ଜୁଲାଇ ମାସ ୨୫ ତାରିଖ ଦିନ ହୃଦଘାତ ଯୋଗୁଁ ତାଙ୍କର କାଳ ବିୟୋଗ ଘଟିଛି । କିଛି ଦିନ ପର୍ଯ୍ୟନ୍ତ ସେ ଡ଼ାକ୍ତରଖାନାରେ ଭର୍ତି ରହିଥିଲେ । ମୃତ୍ୟୁ ବେଳେ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ଅଲ୍ଲାଃ ତାଲାଙ୍କ କୃପାରୁ ସେ ମୁସି ଥିଲେ, ଦୀର୍ଘ ୩୦ ବର୍ଷ ଧରି ସେ ୟୁକେ ରେ ଦାରୁଲ୍ ଜିୟାଫତ୍ ବିଭାଗରେ ଜଣେ କର୍ମୀ ଭାବରେ ସେବା କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଜୀବନର ଶେଷ ନିସ୍ୱାଶଃ ପର୍ଯ୍ୟନ୍ତ ସେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଅତିଥି, ଯମାତ୍‌ର କର୍ମଚାରୀ ଓ ଯମାତ୍‌ର ସଦସ୍ୟମାନଙ୍କର ଅତୁଳନୀୟ ସେବା ଓ ଅତିଥି ସତ୍କାର କରିଛନ୍ତି । ଏହା ବ୍ୟତିତ ସ୍ୱର୍ଗତ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଓ ଅଖବାର୍ ଅହେମଦୀୟତର ପ୍ୟାକିଙ୍ଗ ଓ ପୋଷ୍ଟିଙ୍ଗରେ ମଧ୍ୟ ସେବା ସମ୍ପାଦନ କରିଛନ୍ତି । ଦୀର୍ଘ ସମୟ ଧରି ତାଙ୍କର ଆସାଇଲମ୍ କେସ୍ ବିଚାରଧିନ ରହିଥିଲା ଏବଂ ଯେତେବେଳେ ଦୀର୍ଘ ଦିନପରେ ତାଙ୍କର ଏହି ଆସାଇଲମ୍ କେସ୍‌ଟି ଅନୁମୋଦିତ ହୋଇଥିଲା ଅର୍ଥାତ ପ୍ରାରିତ ହୋଇଥିଲା, ତାଙ୍କ ପରିବାର ୟୁକେ ଆସିବାକୁ ପ୍ରସ୍ତୁତ ହେଲେ ସେତେବେଳେ ସେ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରିଥିଲେ । ସେ କଦାପି କୌଣସି ଅଭିଯୋଗ କରିନଥିଲେ ଦୀର୍ଘ ସମୟ ଧରି ଏକୁଟିଆ ରହିଥିଲେ । ସ୍ୱର୍ଗତ ସଫ୍‌ଦର ସାହେବ ଖିଲାଫତର ପ୍ରେମୀ ଥିଲେ ସର୍ବଦା କେବଳ ତାଙ୍କରି ଦୁଆରେ ପାଗଳପ୍ରେମୀ ହୋଇ ରହିଥିଲେ ବରଂ ଏଭଳି ଜଣେ ପ୍ରେମୀ ଥିଲେ ଯାହାଙ୍କର ଉଦାହରଣ ଅନ୍ୟମାନଙ୍କ ପାଇଁ ଆଦର୍ଶ ଥିଲା । ଯମାତ୍‌ର ସଦସ୍ୟ ଏବଂ ନିଜର ଜ୍ଞାତିକୁଟୁମ୍ବ ତଥା ପରିଜନ, ସମ୍ପର୍କୀୟଙ୍କ ସହିତ ତାଙ୍କର ପ୍ରିତିଭରା ଓ ସମ୍ମାନଜନକ ସମ୍ପର୍କ ବାନ୍ଧି ହୋଇରହିଥିଲା । ସେ ଅତିବ ପ୍ରାର୍ଥନାକାରୀ ବ୍ୟକ୍ତି, ନିୟମିତ ନମାଜ ପାଠକାରୀ, ସେବକ, ସମସ୍ତଙ୍କ ପ୍ରୀୟଭାଜନ ଓ ଅତ୍ୟନ୍ତ କୋମଳ ସ୍ୱଭାବ ଗୁଣର ଅଧିକାରି ଥିଲେ । ସେ ପଞ୍ଜାବୀ ଭାଷାରେ କବିତା ଲେଖୁଥିଲେ ନିଜର ସୁମଧୁର କଣ୍ଠ ଯୋଗୁଁ ସେ ଯମାତ୍‌ର ଲୋକମାନଙ୍କ ନିକଟରେ ସୁନାମ ଅର୍ଜନ କରିପାରିଥିଲେ । ସ୍ୱର୍ଗତଙ୍କୁ ଜଲ୍‌ସା ସାଲାନା ଅବସରରେ ଲୋକମାନଙ୍କ ଆଗରେ ନଜମ୍ ପଢ଼ିବାର ସୁଯୋଗ ମିଳୁଥିବା ସେ ଯୋଗୁଁ ଅତ୍ୟନ୍ତ ଗ୍ରହଣୀୟ ହୋଇପାରିଥିଲେ । ସ୍ୱର୍ଗତଙ୍କର ଲାହୋରର ସୁପରିଚିତ ଯମାତ୍ ହାଣ୍ଡୋଗୁଜର୍ ସହିତ ସମ୍ପର୍କ ଥିଲା । ସ୍ୱର୍ଗତଙ୍କ ପତ୍ନୀ ବ୍ୟତିତ ଚାରିଟି ପୁତ୍ର ଓ ତାଙ୍କର ଦୁଇଟି କନ୍ୟା ରହିଛନ୍ତି ।

ସମ୍ମାନୀୟ ଅତାଉଲ୍ ମୁଜିବ୍ ରାସିଦ୍ ସାହେବ ଉଲ୍ଲେଖ କରନ୍ତି ଯେ ସଫ୍‌ଦର୍ ଅଲୀ ସାହେବ ଜଣେ ସରଳ ସ୍ୱଭାବି ନୈଷ୍ଠିକ ଓ ନିଃସ୍ୱାର୍ଥପର ତଥା କଠୋର ପରିଶ୍ରମ କରି ଯମାତ୍‌ର ସେବା କାର୍ଯ୍ୟ ସମ୍ପାଦନ କରୁଥିଲେ । ମୁଜିବ୍ ସାହେବ କୁହନ୍ତି ତାଙ୍କର ତିନୋଟି ଅସାଧାରଣ ବିଶେଷତ୍ୱ ରହିଥିଲା ଯଦ୍ୱାରା ତାଙ୍କ ପାଇଁ ସେ ମୋ ହୃଦୟରେ ତାଙ୍କ ପ୍ରତି ଗଭୀର ଆନ୍ତରିକତା ବର୍ଦ୍ଧିତ କରିପାରିଛି । ପ୍ରଥମତଃ ଏହା ହେଉଛି ଯେ ତାଙ୍କ ନିକଟରେ ସୀମିତ ସମ୍ବଳ ଥିବା ସତ୍ୱେ ମଧ୍ୟ କଥା କଥାରେ ସେ ଅଲ୍ଲାଃ ତାଲାଙ୍କର ବହୁତ କୃତଜ୍ଞତା ଜ୍ଞାପନ କରନ୍ତି ଏବଂ ଅଲ୍ଲାଃଙ୍କ ପ୍ରଶଂସା ଗାନ କରନ୍ତି । ଦ୍ୱିତୀୟତଃ ତାଙ୍କ ମନରେ ଖଲିଫା ଓ ଖିଲାଫତ୍‌ର ପ୍ରେମ ଭରି ରହିଥିଲା । ମୁଜିବ୍ ସାହେବ କୁହନ୍ତି ମତେ ସ୍ମରଣ ନାହିଁ ଯେ ତାଙ୍କ ସହିତ ଏତେ ସଂକ୍ଷିପ୍ତ ସାକ୍ଷାତ ହୋଇଥିଲା ଏବଂ ସେ ଯେତେବେଳେ ବି ମତେ ସାକ୍ଷାତ କରୁଥିଲେ ସେତେବେଳେ ତାଙ୍କ କଥାରେ ଖିଲାଫତ୍‌ର ପ୍ରେମ ପରିପ୍ରକାଶ ହେଉଥିଲା । ତୃତୀୟତଃ ସେ ସର୍ବଦା ଧର୍ମ ସେବାକୁ ପୂର୍ଣ୍ଣ ଆନ୍ତରିକ ପ୍ରେମ ମାଧ୍ୟମରେ କରିବାକୁ ଗୁରୁତ୍ୱ ଦେଉଥିଲେ ଏବଂ ତାହାକୁ ସେ ନିଜର ସୌଭାଗ୍ୟ ବୋଲି ମଣୁଥିଲେ ତାଙ୍କ ଝିଅ ତହ୍‌ସିନ୍ ସାହିବା ଲେଖୁଛନ୍ତି ଯେ ଜୀବନର ପ୍ରତିଟି ମୁହୁର୍ତରେ ସେ ସର୍ବଦା ଅନ୍ୟକୁ ସୁଖ ଦେଇ ଆସୁଥିଲେ । ତାଙ୍କର ସୁପୁତ୍ରୀ ତେହ୍‌ସିନ ସାହିବା ଉଲ୍ଲେଖ କରନ୍ତି ଯେ ଜୀବନର ପ୍ରତିଟି ମୁହୁର୍ତରେ ସେ ସର୍ବଦା ଅନ୍ୟ ମାନଙ୍କୁ ଶିକ୍ଷା ଦେଇଆସିଛନ୍ତି । ତାଙ୍କର ଯେ କୌଣସି ପରିଚିତ ବନ୍ଧୁ କିମ୍ବା ମସ୍‌ଜିଦ୍‌ରେ କୌଣସି ବ୍ୟକ୍ତିକୁ ଯଦି କୌଣସି ସମସ୍ୟା ରହୁଥିଲା, ସେତେବେଳେ ସେ ପରିପ୍ରେକ୍ଷୀରେ ସେ ଘରେ ଆମ ସମସ୍ତଙ୍କୁ ତାଙ୍କ ନାଁ ଧରି ଦୁଆ କରିବାକୁ କହୁଥିଲେ । ସେ ଯାହା ହେଉ ନା କାହିଁକି ସେ ଅଲ୍ଲାଃ ତାଲାଙ୍କ ସର୍ବଦା କୃତଜ୍ଞତା ଜ୍ଞାପନ କରୁଥିଲେ । ଅନ୍ୟମାନଙ୍କ ସହିତ ପୂଣ୍ୟକରି ତାଙ୍କର କୃତଜ୍ଞତା ଜ୍ଞାପନ କରୁଥିଲେ ଏବଂ ସେହି ବ୍ୟକ୍ତିକୁ କହୁଥିଲେ ଯେ ଆପଣ ମତେ ଏହାର ସୁଯୋଗ ଦେଇଛନ୍ତି । ପୁନଶ୍ଚ ତାଙ୍କର ସୁପୁତ୍ରୀ କୁହନ୍ତି ଯେ, ପିତାଶ୍ରୀ କୁହନ୍ତି ଯେ ତୁମେ ଦୁଇ ଭଉଣୀ ମତେ ଏଥିପାଇଁ ପ୍ରୀୟ ଯେ ନବୀ କରିମ୍ ସ:ଆ:ସ କହିଛନ୍ତି ଯେ ଯେଉଁ ବ୍ୟକ୍ତି ନିଜ କନ୍ୟା ସମ୍ମାନ ଦିଏ ଭଲ ପାଏ ସେହି ବ୍ୟକ୍ତିକୁ ସ୍ୱର୍ଗରେ ମୋର ସାନିଧ୍ୟ ପ୍ରାପ୍ତ ହେବ । ତାଙ୍କର ସୁପୁତ୍ରୀ କୁହନ୍ତି ଯେ, ଆମ ବାପା ଆମମାନଙ୍କୁ ବହୁତ ଆନ୍ତରିକତାର ସହିତ ଅନ୍ୟର ସମ୍ମାନ କରିବାକୁ ସଂସ୍କାର ଦେଇଛନ୍ତି । ତାଙ୍କର ଦ୍ୱିତୀୟ ପୁତ୍ରୀ ରଜିୟା ସାହେବା କୁହନ୍ତି ଯେ ଆମ ପିତା ସର୍ବଦା ଖିଲାଫତ୍‌ର ଆଜ୍ଞାନୁବର୍ତିତା ଓ ପ୍ରେମ କରିବାପାଇଁ ଉତ୍ସାହିତ ରହୁଥିଲେ । ସେ ସ୍ୱୟମଂ ଖିଲାଫତ ସହିତ ପ୍ରେମ ଓ ଆନ୍ତରିକତାର ସମ୍ପର୍କ ନିମନ୍ତେ ଉତ୍ସାହିତ କରୁଥିଲେ । ସେ ନିଜେ ଖିଲାଫତ୍ ସହିତ ପ୍ରେମର ଏକ ଆଦର୍ଶ ଥିଲେ । ତାଙ୍କ ଶୋକପାଇଁ ଯେଉଁ ବ୍ୟକ୍ତି ବି ଆସୁଥିଲା ସେ ଏହା କହୁଥିଲା ଯେ, ସେ ଆମଠୁ ବି ଅଧିକ ଖିଲାଫତ୍‌କୁ ଭଲ ପାଉଥିଲେ କିନ୍ତୁ ସେ ସମସ୍ତଙ୍କୁ ଭଲ ପାଉଥିଲେ ଆମେ ଏହା ଅନୁଭବ କରିଛୁ ସେ ମସ୍‌ଜିଦ୍ ନିକଟବର୍ତୀ ପଡ଼ୋଶୀମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲେ ଏହିପରି ସମସ୍ତେ ତାଙ୍କ ସମ୍ପର୍କରେ ଏହା ମତପୋଷଣ କରିଛନ୍ତି ଯେ ସେ ଆମ ପରିବାରର ସଦସ୍ୟ ଥିଲେ ତାହା ତାଙ୍କର ଅତୁଳନୀୟ ପ୍ରେମ ଓ ସେବା ଧର୍ମ ଯୋଗୁଁ ସେ ଦୁରଦୁରାନ୍ତର ଲୋକମାନଙ୍କର କାର୍ଯ୍ୟ କରୁଥିଲେ ଓ ସେମାନଙ୍କ ସହିତ ସୁସମ୍ପର୍କ ରଖୁଥିଲେ । ତେଣୁ ଲୋକମାନେ ତାଙ୍କ ପ୍ରତି ଏଭଳି ପ୍ରତିକ୍ରୀୟା ପ୍ରଦର୍ଶନ କରିଛନ୍ତି । ଲୋକମାନେ ତାଙ୍କ ସମ୍ପର୍କରେ ଅନେକ ପତ୍ର ଲେଖିଛନ୍ତି । ସେହି ସମସ୍ତ ପତ୍ରରୁ ଏହା ପତିତ ହେଉଛି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଓ ନିଷ୍ଠାପୂର୍ଣ୍ଣ ସମ୍ପର୍କ ରହିଥିଲା । ଖୁବ୍ କମ୍ ଲୋକମାନେ ହିଁ ଏପରି ଅଛନ୍ତି ଯେଉଁମାନେ ସମସ୍ତଙ୍କର ପ୍ରୀୟ ହୋଇଥାନ୍ତି ଓ ପ୍ରତ୍ୟେକ ଶ୍ରେଣୀୟ ବ୍ୟକ୍ତିଙ୍କ ନିକଟରେ ଏବଂ ସେହିପରି ତାଙ୍କ ମଜ୍‌ଲିସ୍‌ରେ ପ୍ରତ୍ୟେକ ଲୋକ ତାହା ହିଁ ଉଲ୍ଲେଖ କରିଛନ୍ତି । ତାଙ୍କ କଥାର ଅର୍ଥାତ ଖିଲାଫତ୍ ସହିତ ସମ୍ପର୍କ ଥିଲା । ଅଲ୍ଲାଃ ତାଲା ତାଙ୍କୁ ନିଜର ପ୍ରୀୟଜନଙ୍କ ମଧ୍ୟରେ ସ୍ଥାନ ଦିଅନ୍ତୁ ଓ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କର ପୂଣ୍ୟବଳୀରୁ ପୂର୍ଣ୍ଣକର୍ମଗୁଡ଼ିକୁ ଜାରି ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ତାଙ୍କ ଦୁଆ ଗ୍ରହଣ କରନ୍ତୁ । ତାଙ୍କ ପତ୍ନୀଙ୍କୁ ଉତମ ସ୍ୱାସ୍ଥ୍ୟ, ଧୈର୍ଯ୍ୟ ଏବଂ ସହନଶୀଳତା ପ୍ରଦାନ କରନ୍ତୁ । ତାଙ୍କର ପତ୍ନୀ ଦୀର୍ଘ ଦିନ ଧରି ଅସୁସ୍ଥ ଅଛନ୍ତି । ସ୍ୱର୍ଗତ ସଫ୍‌ଦର୍ ସାହେବ ଅତ୍ୟନ୍ତ ନିଷ୍ଠା, ପ୍ରେମ ଓ ଆନ୍ତରିକତାର ସହିତ ନିଜ ପତ୍ନୀର ସମସ୍ତ ଯତ୍ନ ଓ ସେବା କାର୍ଯ୍ୟ ତୁଲାଉଥିଲେ ଏବଂ ଦାୟିତ୍ୱବହନ କରିଥିଲେ । ସେ ଲଙ୍ଗରଖାନାରେ ଅବସ୍ୟ ସେବା କରିଥିଲେ କିନ୍ତୁ ଜଣେ ୱକ୍‌ଫେ ଜିନ୍ଦେଗିଠାରୁ ଏଇ ଅଧିକ ତାଙ୍କର ହୃଦୟରେ ଉତ୍ସାହ ଥିଲା । ସେ ପାରିବାରିକ ଦାୟିତ୍ୱ ନିର୍ବାହ କରିବା ବ୍ୟତିତ ଅନ୍ୟ ଭାଷା ନ ଜାଣିବା ସତ୍ୱେ ଇଂରାଜୀ ପଡ଼ୋଶୀମାନଙ୍କର ମଧ୍ୟ ବେଶ୍ ସେବା କରୁଥିଲେ । ସେମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲେ । ସେହି ପଡ଼ୋଶୀମାନେ ମଧ୍ୟ ତାଙ୍କର ଭୁରି ଭୁରି ପ୍ରଶଂସା କରିଛନ୍ତି । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ । ଆମିନ୍..

ପରବର୍ତୀ ଯନାଜାଃ ହେଉଛି ସମ୍ମାନୀୟ ଇଫତ୍ ନସିର୍ ସାହିବାଙ୍କର ଯିଏ କି ସମ୍ମାନୀୟ ପ୍ରଫେସର ନସିର୍ ଅହେମଦ୍ ଖାନ୍ ସାହେବଙ୍କର ପତ୍ନୀ ଥିଲେ । ମେ ମାସ ୩ ତାରିଖ ଦିନ ୯୭ ବର୍ଷ ବୟସରେ ହୃଦୟସ୍ପନ୍ଦନ ଥମି ଯିବାରୁ ତାଙ୍କର ଦେହାନ୍ତ ଘଟିଲା, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସେ ୧୯୫୧ ମସିହାରେ ସ୍ୱର୍ଗତ ପ୍ରଫେସର ଡ଼କ୍ଟର ନସିର୍ ଅହ୍‌ମଦ୍ ଖାନ୍‌ଙ୍କୁ ବିବାହ କରିଥିଲେ । ମୃତକଙ୍କ ପରିବାରରେ ତାଙ୍କର ଆଇସା ନଫିର୍ ସାହିବା ନାମକ ଏକ ସୁପତ୍ରୀ ଅଛନ୍ତି ଯିଏକି ଡ଼କ୍ଟର ଇନାଇତୁଲ୍ଲାଃ ମଙ୍ଗଲା ସାହେବ ଅଫ୍ ଆମେରିକାଙ୍କର ପତ୍ନୀ ଅଟନ୍ତି । ତାଙ୍କର ଦୁଇଜଣ ପୁତ୍ର ଅଛନ୍ତି ଜଣେ ହେଉଛନ୍ତି, ଜହିର୍ ଅହ୍‌ମଦ୍ ଖାନ୍ ଓ ଅନ୍ୟ ଜଣେ ହେଉଛନ୍ତି ଡ଼କ୍ଟର ମୁନୀର ଅହେମଦ୍ ଖାନ୍ । ତାଙ୍କର

ଉଭୟ ପୁତ୍ର ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କୁଟୁମ୍ବରେ ବିବାହ କରିଛନ୍ତି । ତାଙ୍କର ନସିର୍ ଅହ୍‌ମଦ୍ ନାମକ ଜଣେ ପୌତ୍ର ୱକ୍‌ଫେ ଜିନ୍ଦଗୀ ଅର୍ଥାତ ଉତ୍ସର୍ଗୀ ଅଟନ୍ତି । ବର୍ତମାନ ଅତି ଉତମରୂପେ ସେ ଏମ୍‌ଟିଏର ପ୍ରସାରଣ ବିଭାଗରେ ସେବା ସମ୍ପାଦନ କରୁଛନ୍ତି । ଏଠାରେ ସେ ଉଚ୍ଚ ଶିକ୍ଷା ପ୍ରାପ୍ତ କରି ନିଜକୁ ୱକ୍‌ଫ କରିଥିଲେ ଅଲ୍ଲାଃ ତାଲା ତାଙ୍କୁ ମଧ୍ୟ ତାଙ୍କ ଦୁଆ ର ଅଧିକାରୀ ବନାନ୍ତୁ । ତାଙ୍କ ସୁପୁତ୍ର ଉଲ୍ଲେଖ କରନ୍ତି ଯେତେବେଳେ ଆମେମାନେ ଛୋଟ ଥିଲୁ ସେତେବେଳେ ଆମେମାନେ ମାଆଙ୍କ ପାଖରେ ଶୟନ କରୁଥିଲୁ ଏବଂ ଯେତେବେଳେ ଆମ ଆଖି ଖୋଲୁଥିଲା ଅର୍ଥାତ ରାତ୍ର ସମୟରେ ଆମେ ଜାଗ୍ରତ ହେଉଥିଲୁ ସେତେବେଳେ ଆମେମାନେ ନିଜ ମାତାଙ୍କୁ କାନ୍ଦି କାନ୍ଦି ତହ୍‌ଜୁଦ୍ ନମାଜରେ ଦୁଆ କରୁଥିବାର ପାଇଥିଲୁ । ଉକ୍ତ କଥା ତାଙ୍କ ପୁତ୍ରୀ ମଧ୍ୟ ଉଲ୍ଲେଖ କରିଛନ୍ତି । ତାଙ୍କ ମାତା ନିୟମିତ ରୂପେ କୋରାନ୍ ତିଲାୱତ୍ କରୁଥିଲେ ଏବଂ ଆମମାନଙ୍କ ପାଇଁ ମଧ୍ୟ ଏହା ବାଧ୍ୟତାମୂଳକ କରୁଥିଲେ ଅର୍ଥାତ ପିଲାମାନଙ୍କ ପାଇଁ ବାଧ୍ୟତାମୂଳକ କରୁଥିଲେ କି ସେମାନେ ପ୍ରତିଦିନ ପବିତ୍ର କୋରାନ୍‌ର ଆବୃତି କରନ୍ତୁ । ଅନ୍ୟଥା ତିଲାୱତ୍ ନ କରି ସ୍କୁଲ୍‌କୁ ଯିବାର ଅନୁମତି ନଥିଲା । ମୋ ମାତା ପ୍ରାରମ୍ଭିକ ପ୍ରଯ୍ୟାୟରେ ୬୦ ଦଶକରେ ଲାହୋରରେ ମଧ୍ୟ ବାସ କରୁଥିଲେ ଏବଂ ମର୍ଡ଼ନ ଟାଉନ୍‌ରେ ଜେନେରାଲ୍ ସେକ୍ରେଟାରୀ ଭାବରେ ଦାୟିତ୍ୱ ନିର୍ବାହ କରୁଥିଲେ । ୨୮ ବର୍ଷ ବୟସ ପର୍ଯ୍ୟନ୍ତ ଦାରୁଲ ନସିର୍, ଗର୍‌ବିରେ ସଦର୍ ଲଜ୍‌ନା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ସେତେବେଳେ ସମ୍ବଳ ମଧ୍ୟ ସିମିତ ଥିଲା ଏବଂ ପରିବ୍ୟାପ୍ତ ମୌଜା ରହିଥିଲା । ସେତେବେଳେ କୌଣସି ଯାନ ନଥିଲା ତେଣୁ ପାଦରେ ଚାଲି ଚାଲି ସେ ଦୂରଦୂରନ୍ତାର ଅଂଚଳ ଅର୍ଥାତ ଦାରୁଲ୍ ନସର୍‌ରେ ଯାଇ ପହଂଚୁଥିଲେ । ପୁନଶ୍ଚ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଯେତେବେଳେ ସ୍ୱୟମ ଯମାତ୍‌ର ଲୋକମାନଙ୍କୁ ଆହ୍ୱାନ ଦେଲେ ଯେ ନିଜର ସମସ୍ତ ଅଣଅହେମଦୀ ସମ୍ପର୍କୀୟ ଓ ଦୁର୍ବଳ, ପଛୁଆ, ଅନଗ୍ରସର ଅହେମଦୀମାନଙ୍କ ନିକଟକୁ ପତ୍ର ଲେଖନ୍ତୁ । ସେତେବେଳେ ସ୍ୱର୍ଗତ ଇଫତୁଲ୍ ନସିର୍ ସାହେବ ନିଜ ସମ୍ପର୍କୀୟମାନଙ୍କୁ ଅଗଣତି ପତ୍ର ଲେଖିଥିଲେ ।

ସେ କୌଣସି ନା କୌଣସି ଆଳରେ ଦୀନ ଦରିଦ୍ର ସମ୍ପର୍କୀୟଙ୍କୁ ତଥା ସାହି ପଡ଼ୋଶୀମାନଙ୍କୁ ସାହାଯ୍ୟ କରୁଥିଲେ । ବିଶେଷ କରି ରମ୍‌ଜାନ୍ ମାସରେ ସେ ଦୀନ ଦରିଦ୍ର ତଥା ସମ୍ପର୍କୀୟଙ୍କୁ କିଛି ନା କିଛି ରାନ୍ଧି ପଠାଉଥିଲେ । ସେ ସର୍ବଦା ଏହା ଚେଷ୍ଟା କରୁଥିଲେ ଯେ, ଲୋକମାନଙ୍କୁ ପରସ୍ପର ସହିତ ଯୋଡ଼ି ରଖାଯାଉ । ବିଚ୍ଛେଦ ଓ ଫାଟ ସୃଷ୍ଟି ହେବାରୁ ଲୋକମାନଙ୍କୁ ନିବୃତ ରଖାଯାଉ । ତାଙ୍କ ସୁପୁତ୍ରୀ ଆଇଶା ସାହିବା ଉଲ୍ଲେଖ କରନ୍ତି ଯେ, ଜଣେ ୱକ୍‌ଫେ ଜିନ୍ଦଗୀ ସହିତ ଅତ୍ୟନ୍ତ ସ୍ମିତହାସ୍ୟର ସହିତ ଜୀବନ ଅତିବାହିତ କରିଥିଲେ । ଆମମାନଙ୍କର ଶିକ୍ଷା, ସଂସ୍କାର ପ୍ରତି ସର୍ବଦା ତତ୍ପର ରହୁଥିଲେ । ଏଥିସହ ସେ ଦୁଆ ମଧ୍ୟ ବହୁତ କରୁଥିଲେ, ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୂଣ୍ୟବଳୀରୁ ଓ ତାଙ୍କ ଆଶା ଆକାଂକ୍ଷାରୁ ବଳି ତଥା ତାଙ୍କ ପ୍ରାର୍ଥନାର ଅଧିକାରି ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନୀୟ ଅବ୍‌ଦୁର୍ ରହିମ୍ ସାକି ସାହେବ୍, ଯିଏ କି ୟୁକେର ସାଧାରଣ ସଚିବାଳୟର କର୍ମଚାରୀ ଥିଲେ । ମାର୍ଚ୍ଚ ମାସ ୩୧ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ଅଲ୍ଲାଃ ତାଲାଙ୍କ କୃପାରୁ ସେ ମୁସି ଥିଲେ । ୧୯୩୪ ମସିହା ଡ଼ିସେମ୍ବର ମାସ ୩୧ ତାରିଖ ଦିନ ଭାରତର ରାୟପୁର ରାଜ୍ୟ ଅନ୍ତର୍ଗତ ନାଭା ନାମକ ସ୍ଥାନରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ରହମତ୍ ଅଲୀ ଥିଲା । ତାଙ୍କ ବଂଶରେ ଅହେମଦୀୟତ ତାଙ୍କ ପିତାଙ୍କ ବଡ଼ ବାପା ସ୍ୱର୍ଗତ ଚୌଧୁରୀ କରିମ୍ ବକ୍ସ ସାହେବଙ୍କ ମାଧ୍ୟମରେ ପ୍ରବେଶ କରିଥିଲା । ଯିଏ କି ଜଣେ ୱାର୍ଡ଼ମେମ୍ବର ଥିଲେ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଅବ୍‌ଦୁର୍ ରହିମ୍ ସାକିବ୍ ସାହେବଙ୍କ ପିତାଙ୍କ ଖାଲା ଏବଂ ବଡ଼ ବାପାଙ୍କ ଭଉଣୀ ରହିମ୍ ବିବି ସାହେବା ପତ୍ନୀ ମୌଲବୀ କୁଦ୍‌ରତୁଲ୍ଲାଃ ସାହେବ୍ ସନୱରି ସମ୍ପର୍କୀୟରେ ତାଙ୍କର ପିଉସୀ ଥିଲେ । ସ୍ୱର୍ଗତ ସାକିବ୍ ସାହେବଙ୍କୁ ୧୯୫୮ ରୁ ୧୯୬୮ ମସିହା ପର୍ଯ୍ୟନ୍ତ ଦଶବର୍ଷ ପର୍ଯ୍ୟନ୍ତ ସେକ୍ରେଟାରୀ ମାଲ୍ ଓ ତଖ୍‌ତେ ହଜାରାର କାଏଦ୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ରୂପେ ସେବା ସମ୍ପାଦନ କରିବାର ସୁଯୋଗ ମିଳିଥିଲା । ଭାରତ ପାକିସ୍ତାନ ବିଭାଜନ ପରେ ତଖ୍‌ତେ ହଜାରାରେ ଆସି ସେ ବସତି ସ୍ଥାପନ କରିଥିଲେ ଏହାପରେ ୧୯୬୮ ମସିହାରେ ଯମାତ୍ ଅହେମଦୀୟା ତଖ୍‌ତେ ହଜାରାର ଅମୀର ଭାବରେ ନିଯୁକ୍ତ ହୋଇଥିଲେ ଏବଂ ୧୯୭୪ ମସିହା ଜୁଲାଇ ମାସ ପର୍ଯ୍ୟନ୍ତ ଅମୀର ଭାବରେ ସେବା ସମ୍ପାଦନ କରିଥିଲେ । ୧୯୭୪ ମସିହା ଜୁଲାଇ ମାସ ୧୩ ତାରିଖ ଦିନ ତଖ୍‌ତେ ହଜାରାର ଅଣଅହେମଦୀ ଉପଦ୍ରବିମାନେ ଆଖପାଖ ଅଂଚଳରେ ଗୁଣ୍ଡା ଓ ଅହେମଦୀ ଶତ୍ରୁଙ୍କର ଏକ ବିଶାଳ ସଶସ୍ତ୍ର ଗୋଷ୍ଠୀଙ୍କୁ ଏକତ୍ରିତ କରି ଅହେମଦୀମାନଙ୍କ ବିରୋଧରେ ଉପଦ୍ରବ ସୃଷ୍ଟି କରିଥିଲେ । ମସ୍‌ଜିଦ୍‌ର ଏକ ଅଂଶରେ ନିଆଁ ଲଗାଇ ଦେଇଥିଲେ । ତା'ଉପରେ ତାକୁ ଅଧିକାର କରିଥିଲେ, ଅତିଥି ଭବନକୁ ମଧ୍ୟ ସମ୍ପୁର୍ଣ୍ଣରୂପେ ଜାଳିଦେଇଥିଲେ । ସାକିବ୍ ସାହେବଙ୍କର ଏକ ସଉଦା ଦୋକାନ ଥିଲା ଯାହାକୁ ବିରୋଧିମାନେ ଲୁଟି ନେଇ ନିଆଁ ଲଗାଇ ଦେଇଥିଲେ । ସେହିପରି ତାଙ୍କର ଅନ୍ୟ ଏକ କପଡ଼ା ଦୋକାନ ମଧ୍ୟରେ ଉପଦ୍ରବିମାନେ ଉତ୍‌ପାତ କରି ତାହାକୁ ଅଧିକାର କରିନେଇଥିଲେ । ତାଙ୍କ ଘରେ ମଧ୍ୟ ନିଆଁ ଲଗାଇଦେଇଥିଲେ । ଯେତେବେଳେ ଉପଦ୍ରବିମାନେ ଘରେ ନିଆଁ ଲଗାଇଲେ ସେତେବେଳେ ସାକିବ୍ ସାହେବ ଘର ଭିତରେ ଥିଲେ, ଧୂଆଁ ଯୋଗୁଁ ସେ ଚେତାଶୂନ୍ୟ ହୋଇଯାଇଥିଲେ, ଚେତା ଶୁନ୍ୟ ଅବସ୍ଥାରେ ଉପଦ୍ରବୀ ଦୁର୍ବୃତମାନେ ତାଙ୍କୁ ଉଠାଇ ନେଇଥିଲେ ଏବଂ ଲାଉଡ୍ ସ୍ପିକରରେ ଘୋଷଣା କରିଥିଲେ ଯେ, ମୁଁ ଇସ୍‌ଲାମ୍ ଗ୍ରହଣ କରିନେଉଛି ଏବଂ ଅହେମଦୀୟତରୁ ତୌବା କରୁଛି । ଯଦ୍ୱାରା ଅହେମଦୀମାନେ ଏଥିରେ ପ୍ରଭାବିତ ହେବେ ଓ ଅହେମଦୀୟତ ଛାଡ଼ି ଦେବେ । ସେ ଯାହା ହେଉ ନା କାହିଁକି, ଯେତେବେଳେ ତାଙ୍କର ଚେତା ଫେରିଥିଲା ସେତେବେଳେ ସେ ଦେଖିଲେ ଯେ ସେ ବର୍ଚ୍ଛା ଓ ଶରମୂନ ମଧ୍ୟରେ ବସିରହିଛନ୍ତି । ଉକ୍ତ ଘଟଣାର ତାଙ୍କ ମନ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପଡ଼ିଥିଲା । ସୁତରାଂ ଏହି କାରଣରୁ ତାଙ୍କର ସନ୍ତାନମାନେ ତାଙ୍କୁ ସେଠାରୁ ନେଇଯାଇ ତାଙ୍କର ସମ୍ପର୍କୀୟଙ୍କ ନିକଟରେ ଛାଡ଼ି ଆସିଥିଲେ, ସେଠାରେ ତାଙ୍କର ଚିକିତ୍ସା ହୋଇଥିଲା ଏବଂ ସେଠାରେ ସେ ରହିଥିଲେ ପୁନଶ୍ଚ ଲାହୋରରେ ହିଁ ଏକ ଯମାତ୍‌ରେ ଯେଉଁଠି ଥଇଥାନ ହୋଇଥିଲେ । ସେଠାରେ ସେ ପୂର୍ନବାର ବସତି ସ୍ଥାପନ କରିଥିଲେ ଓ ସେଠାରେ ବ୍ୟବସାୟ ମଧ୍ୟ ଆରମ୍ଭ କରିଥିଲେ । ନିଜର ସମ୍ପର୍କୀୟଙ୍କ ଘର ସହିତ ସଲଗ୍ନ ଘରେ ନମାଜ କେନ୍ଦ୍ର ସ୍ଥାପନ କରିଥିଲେ ଓ ବାଯମାତ୍ ନମାଜ୍‌ର ଆୟୋଜନ ପ୍ରତି ଶତାଧିକ ଲୋକଙ୍କୁ ସଚେତନ କରାଉଥିଲେ ଏବଂ ଆବଳାବୃଦ୍ଧବନିତାଙ୍କୁ କୋରାନ୍‌ର ଶିକ୍ଷା ଦେଉଥିଲେ ।

ପୁନଶ୍ଚ ସେ ୨୦୦୦ ମସିହାରେ ହିଜ୍‌ରତ୍ କରି ଲଣ୍ଡନ ଆସିଥିଲେ, ଏହାପରେ ୨୦୨୦ ମସିହା ପର୍ଯ୍ୟନ୍ତ ସେ ୟୁକେ ର ଜେନେରାଲ୍ ସେକ୍ରେଟାରୀ କାର୍ଯ୍ୟାଳୟରେ ସ୍ୱେଚ୍ଛାକୃତ ଭାବରେ ନିୟମିତରୂପେ ସେବା କାର୍ଯ୍ୟ ତୁଲାଇଥିଲେ । ସେ ୱକ୍‌ଫେ ଜିନ୍ଦଗୀଠାରୁ ଅଧିକ ସମୟାନୁବର୍ତିତା ଥିଲେ ସର୍ବପ୍ରଥମେ କାର୍ଯ୍ୟାଳୟକୁ ଆସୁଥିଲେ କାରଣ ଅନ୍ୟମାନଙ୍କୁ ଯେପରି ଅପେକ୍ଷା କରିବାକୁ ନପଡ଼ିବ ବରଂ ଯେତେବେଳେ କାର୍ଯ୍ୟାଳୟ ଆସିବା ପୂର୍ବରୁ ଯଦି ଜଳଖିଆରେ ବିଳମ୍ବ ହୋଇଯାଏ ତେବେ ଜଳଖିଆ ନ କରି ସିଧାସଳଖ କାର୍ଯ୍ୟାଳୟକୁ ଚାଲିଆସୁଥିଲେ । ସେହିପରି ତାଙ୍କର ଆଉ ଏକ ବିଶିଷ୍ଟ ଗୁଣ ହେଉଛି ଯେ ତାଙ୍କର ସନ୍ତାନମାନେ ତାଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି ଯେ ସେ ନିୟମିତ ତିନିସିପାରା ପବିତ୍ର କୁର୍‌ଆନ୍‌ର ତିଲାୱତ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ନିଷ୍ଠାପୂର୍ଣ୍ଣ ଓ ପ୍ରେମଭରା ସମ୍ପର୍କ ରହିଥିଲା । ସନ୍ତାନମାନଙ୍କୁ ଓ ଗୁରୁଜନମାନଙ୍କୁ ସର୍ବଦା ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରଖିବାପାଇଁ ପ୍ରୋତ୍ସାହିତ କରୁଥିଲେ ଏବଂ ଉପସ୍ଥିତ ଖଲିଫାଙ୍କ ପ୍ରତି ସମ୍ମାନ ଓ ପୂର୍ଣ୍ଣବିଶ୍ୱସ୍ତତାର ସହିତ ଆଜ୍ଞା ପାଳନ କରିବାପ୍ରତି ଅତ୍ୟନ୍ତ ଆତୁର ହୋଇ ଉପଦେଶ ଓ ସଚେତନ କରାଉଥିଲେ । ସେ ବିଶେଷ ରୂପେ ମୁବ୍‌ଲିଗ୍ ଓ ୱକ୍‌ଫେ ଜିନ୍ଦଗୀମାନଙ୍କର ଆନ୍ତରିକ ସମ୍ମାନ ଓ ମର୍ଯ୍ୟାଦା ପ୍ରଦର୍ଶନ କରୁଥିଲେ । ସେମାନଙ୍କୁ ଭଲ ପାଉଥିଲେ, ପ୍ରାୟ ୬୦ ବର୍ଷରୁ ଉର୍ଦ୍ଧକାଳ ସେ ସ୍ୱେଚ୍ଛାକୃତ ଭାବରେ ଧାର୍ମିକ ସେବା କରିବାକୁ ସୁଯୋଗ ପାଇଥିଲେ । ତାଙ୍କ ପୁତ୍ର ଖାଲିଦ୍ ମେହମୁଦ୍ ସାହେବ୍ କୁଲିୟରସ୍ ଉଡ୍ (Colliers Wood) ସ୍ଥିତ ଯମାତ୍‌ର ସଭାପତି ଅଟନ୍ତି । ସ୍ୱର୍ଗତଙ୍କ ପରିବାରରେ ତାଙ୍କର ପତ୍ନୀ ବ୍ୟତିତ ଦୁଇ ପୁତ୍ର ଓ ପାଂଚଟି କନ୍ୟା ସନ୍ତାନ ଅଛନ୍ତି । ଅଲ୍ଲାଃ ତାଲା ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନିତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ଏବଂ କୁଟୁମ୍ବଙ୍କୁ ମଧ୍ୟ ତାଙ୍କର ପୂଣ୍ୟବଳୀଗୁଡ଼ିକୁ ଅବ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କର ପୂଣ୍ୟ ଆକାଂକ୍ଷା ଗୁଡ଼ିକୁ ପୂର୍ଣ୍ଣ କରିବାକୁ ଅଲ୍ଲାଃ ତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସଇଦ ଅହେମଦ୍ ସେହେଗଲ୍ ସାହେବଙ୍କର ସେ ଆମର ପିଏଫ୍ କାର୍ଯ୍ୟାଳୟର ଡ଼ିସ୍‌ଚାର୍ଜ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ବିଭାଗରେ କାର୍ଯ୍ୟ କରୁଥିଲେ । ଏପ୍ରିଲ୍ ମାସ ୧ ୨ ତାରିଖ ଦିନ ୯ ୦ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ମୃତକଙ୍କ ପରିବାରେ ଦୁଇଜଣ ପୁତ୍ର ଓ ଦୁଇ ଜଣ ପୁତ୍ରୀ ରହିଛନ୍ତି, ତାଙ୍କର ଶୈଶବ କାଦିୟାନରେ ଅତିବାହିତ ହୋଇଥିଲା, ପ୍ରାରମ୍ଭିକ ଶିକ୍ଷା ସେହିଠାରେ ପ୍ରାପ୍ତ କରିଥିଲେ । ଏଠାରେ ସେ ଦୀର୍ଘ ସମୟ ଧରି ପ୍ରାଇଭେଟ ସେକ୍ରେଟାରୀ କାର୍ଯ୍ୟାଳୟରେ ଡ଼ିସ୍‌ଚାର୍ଜ ବିଭାଗରେ ସ୍ୱେଚ୍ଛାକୃତ ଭାବରେ ଦାୟିତ୍ୱ ବହନ କରିଥିଲେ । ସେ ଜଣେ ଉଚ୍ଚ ଶିକ୍ଷିତ ଓ ଜ୍ଞାନୀ ବ୍ୟକ୍ତି ଥିଲେ ସାଂସାରିକ ଜ୍ଞାନ ବ୍ୟତିତ କୋରାନ୍ ଏବଂ ଯମାତିୟ ପୁସ୍ତକର ଗଭୀର ଜ୍ଞାନ ତାଙ୍କ ନିକଟରେ ଭରି ରହିଥିଲା । ସେ ନିୟମିତ ନମାଜ ପାଠ କରୁଥିଲେ ଏବଂ ଖିଲାଫତ୍‌ର ପ୍ରେମୀ ଥିଲେ ସେ ଅତ୍ୟନ୍ତ ବିନମ୍ର ଓ ଶୁଶିଳ ବ୍ୟକ୍ତିତ୍ୱର ଅଧିକାରି ଏବଂ ଆଦର୍ଶ ଥିଲେ ନିଜ ପରିଧି ମଧ୍ୟରେ ସେ ସମସ୍ତଙ୍କର ପ୍ରୀୟ ପାତ୍ର ହୋଇପାରିଥିଲେ । ମୁଁ ଏହା ଦେଖିଅଛି ଯେ ଯେତେବେଳେ ବି ସେ ସାକ୍ଷାତ କରନ୍ତି ସେତେବେଳେ ସେ ବିନମ୍ରତା ଓ ବିନିତ ଭାବ ସହିତ ସାକ୍ଷାତ କରୁଥିଲେ । ସେ ଅତ୍ୟନ୍ତ ବ୍ୟଥିତ ହେଉଥିଲେ ଯେ ତାଙ୍କ ସନ୍ତାନ ମଧ୍ୟ ତାଙ୍କ ଭଳି ଖଲିଫା ଓ ଯମାତ୍ ପ୍ରତି ସମ୍ପର୍କ ସ୍ଥାପନ କରନ୍ତୁ । ଅସ୍‌ଲମ୍ ଖାଲିଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ ସେ ବିଶେଷ ଜ୍ଞାନୀ ବ୍ୟକ୍ତି ଥିଲେ । ଅନେକ ସମୟରେ ମଧ୍ୟାହ୍ନ ଭୋଜନ ବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ସାନ୍ତ୍ୱନା ମୂଳକ ବାର୍ତାଳାପ କରୁଥିଲେ । ବିଶେଷ କରି ଖ୍ରୀଷ୍ଟିୟ ଓ ୟହୁଦୀ ଧର୍ମ ଉପରେ ତାଙ୍କର ଗଭୀର ଜ୍ଞାନ ଓ ଦଖଲ ରହିଥିଲା । ଆମ କାର୍ଯ୍ୟାଳୟର ବଶିର୍ ସାହେବ୍ ଜଣେ କର୍ମଚାରୀ ଅଛନ୍ତି ସେ ଲେଖିଛନ୍ତି ଯେ ଜୀବନର ଶେଷ ବୟସରେ ତାଙ୍କର ଏହି ପ୍ରଚେଷ୍ଟା ଥିଲା ଯେ ସେ ଯେପରି ଯମାତ୍‌ର ସେବା କରନ୍ତୁ । ଏକଦା ସେ କୁହନ୍ତି ଯେ ମସ୍‌ଜିଦ୍‌ରେ କୌଣସି ଉଦ୍ଦେଶ୍ୟ ନେଇ ମସ୍‌ଜିଦ୍‌କୁ ଆସିବା ବେଳେ ତାଙ୍କ ମୁଣ୍ଡ ବୁଲାଇ ଦେଲା ଯଦ୍ୱାରା ସେ ଭୂମିରେ ପଡ଼ିଗଲେ ଏବଂ ଆହତ ମଧ୍ୟ ହୋଇଥିଲେ କିନ୍ତୁ ଏହା ସତ୍ତ୍ୱେ ବି ସେ ଅନତି ଦୂରରୁ ପାଦରେ ଚାଲି ଚାଲି କାର୍ଯ୍ୟାଳୟକୁ ଆସୁଥିଲେ ଏବଂ ମନେ କରୁଥିଲେ ଯେ, ସୁଯୋଗର କୌଣସି ଅବସର ଯେପରି ହାତଛଡ଼ା ନ ହୋଇଯାଉ । ନିଜର ବାସଭବନକୁ ବିକ୍ରିକରି ମସ୍‌ଜିଦ୍ ନିକଟରେ ବାସଭବନ କିଣିଥିଲେ ଯଦ୍ୱାରା କି ଯିବା ଆସିବାରେ ସୁବିଧା ହେବ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ସପକ୍ଷରେ କରିଥିବା ଦୁଆକୁ ଗ୍ରହଣ କରନ୍ତୁ । ଆମିନ୍.............

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

କାରଣ ଓ ଉଦ୍ଦେଶ୍ୟ ବିଷୟରେ ଜଣାପଡ଼ିଯିବ ।

ଆଉ ଜଣେ ପିଲା ପଚାରିଲେ ଯେ, ଆମେ ହଲାଣ୍ଡରେ ଅହେମଦୀୟତକୁ କିପରି ଭାବେ ପ୍ରସାର କରିପାରିବୁ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ତୁମର କାମ ହେଉଛି ଏହା କି ତୁମେ ଭଲ କାମ କର ତୁମେ ଏକଥା ବତାଅ ଯେ, ମୁଁ ହେଉଛି ମୁସଲମାନ ତେଣୁ ପୂଣ୍ୟକର୍ମ କର । ଯଦି ନମାଜ ସମୟ ଆସିଯାଏ ତେବେ ଶିକ୍ଷକଙ୍କଠାରୁ ଅନୁମତି ନେଇ ସ୍କୁଲ୍‌ରେ ହିଁ ନମାଜ ପଢ଼ ଯଦି ଏଥିରେ ଲୋକମାନେ ପଚାରିବେ ଯେ, ତୁମେ ଏପରି କଣ କରୁଛ ତେବେ ତାଙ୍କୁ କୁହ ଯେ, ଆମେ ଉପାସନା କରୁଅଛୁ ଓ ପାଂଚବେଳା ନମାଜ ପାଠ କରୁଅଛୁ କାରଣ ଆମକୁ ଅଲ୍ଲାଃ ତାଲାଙ୍କର ଏ ନିର୍ଦ୍ଦେଶ ରହିଛି ଯେ ଆମେ ତାହାଙ୍କ ଉପାସନା କରିବୁ । ଯଦି ତୁମେମାନେ ପୂଣ୍ୟ କାର୍ଯ୍ୟ କରିବ ଲୋକମାନେ ତୁମପ୍ରତି ଆକର୍ଷିତ ହେବେ ଭଲ କଥା କୁହ ଦୁଷ୍ଟାମି କରନାହିଁ । ଭୁଲକାମ କରନାହିଁ । ଏହା ଦ୍ୱାରା ଲୋକମାନଙ୍କର ଧ୍ୟାନ ଆକର୍ଷଣ ହେବ ଯେ, କିଭଳି ଏହି ପିଲାମାନେ ଉତମ କାର୍ଯ୍ୟ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ: ପାଠପଢ଼ାରେ ମଧ୍ୟ ଭଲ ହେବା ଉଚିତ ସେହିପରି ଖେଳରେ ମଧ୍ୟ ଭଲ ହେଲେ ଲୋକମାନଙ୍କର ଧ୍ୟାନ ତୁମପ୍ରତି ଆକର୍ଷିତ ହେବ ପୁଣି ଯେତେବେଳେ ଅହେମଦୀୟତର ପରିଚୟ ମିଳିଯିବ ସେତେବେଳେ ପୁଣି ଅଲ୍ଲାଃଙ୍କର ଇଚ୍ଛା କାରଣ ଅଲ୍ଲାଃ ତାଲା ତ ହୃଦୟକୁ ଖୋଲିଥାଏ । ପୁଣି ଏପରି ଏକ ସମୟ ଆସିବ ଯେତେବେଳେ ସ୍ୱତଃପ୍ରୃତ ଭାବେ ଲୋକମାନଙ୍କର ଧ୍ୟାନ ଆକର୍ଷଣ ହେବ ଓ ସେମାନେ ଏକଥା ଜାଣିଥିବେ ଯେ, ଆମକୁ ଗୋଟିଏ ପିଲା ଏକଥା ବତାଇଥିଲା ଯେ, ଅହେମଦୀୟତ କଣ । ପୂଣ୍ୟବାନ ଲୋକମାନେ ନିଜେ ହିଁ ଧର୍ମପ୍ରତି ଆର୍କଷିତ ହୋଇଥାଆନ୍ତି । ଜୋର୍ ଜବରଦସ୍ତି ତ କାହାକୁ ଅହେମଦୀ କରାଯାଇ ନ ପାରେ କାରଣ ଅଲ୍ଲାଃ ତାଲା ଏକଥା କହିଦେଇଛନ୍ତି ଯେ, କୌଣସି ପ୍ରକାର ବାଧବାଧକତା କରିବ ନାହିଁ । ହଁ ଯଦି ଭଲ କାମ କରିବ ତେବେ ଲୋକମାନେ ଆପଣା ଛାଏଁ ତୁମକୁ ଦେଖି ତୁମ ପ୍ରତି ଧ୍ୟାନ କେନ୍ଦ୍ରିତ କରିବେ । ପୁଣି ରିସର୍ଚ୍ଚ କରିବେ ଓ ପୁଣି କେବେ ଅହେମଦୀ ମଧ୍ୟ ହୋଇଯିବେ ।

ଆଉ ଜଣେ ଖାଦିମ୍ ପଚାରିଲେ ଯେ, ହଜୁରଙ୍କୁ ଯେତେବେଳେ ଖାଲି ସମୟ ମିଳୁଛି ସେ ସମୟରେ ହଜୁର କଣ କରୁଛନ୍ତି ? ଏହାର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ସବୁଠାରୁ ପ୍ରଥମେ ତ ମୁଁ ଏ ଚେଷ୍ଟା କରୁଛି ଯେ, ମତେ କିପରି ଖାଲି ସମୟ ମିଳିଯାଉ ।

ଆଉ ଜଣେ ପିଲା ପଚାରିଲେ ଯେ, ପୃଥିବୀରେ ସର୍ବପ୍ରଥମେ କେଉଁ ବସ୍ତୁଟି ତିଆରି ହୋଇଥିଲା ? ଏହାର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏହା ତ ଅଲ୍ଲାଃ ତାଲାଙ୍କୁ ଜଣା ଯେ, ସେ ସର୍ବପ୍ରଥମେ କଣ ତିଆରି କରିଛନ୍ତି । ସେ ଯାହା ହେଉ ଯେତେବେଳେ ଅଲ୍ଲାଃ ତାଲା ଏ ପୃଥିବୀକୁ ସୃଷ୍ଟି କଲେ ସେତେବେଳେ ଏହା ବହୁତ ଉତପ୍ତ ବସ୍ତୁ ଥିଲା, ନିଆଁ ଥିଲା ପୁଣି ଧିରେ ଧିରେ ବର୍ଷା ହେଲା, ଫଳତଃ ତାହା ଥଣ୍ଡା ହେବାକୁ ଲାଗିଲା । ଯଦି ଏ ଦୁନିଆର ଅର୍ଥ ଏ ପୃଥିବୀକୁ ଭାବିବା ତେବେ ଏଠାରେ ପ୍ରଥମେ ଅଗ୍ନୀ ଥିଲା ପୁଣି ଧିରେ ଧିରେ ତାହା ଶିତଳ ହେଲା ପୁଣି ସେଥିରେ ବସବାସ ଉପଯୋଗୀ ସ୍ଥାନ ସୃଷ୍ଟି ହେଲା । ଏହା ପୂର୍ବରୁ ଅଲ୍ଲାଃ ତାଲା କେତେ ପୃଥିବୀ ବନାଇଛନ୍ତି ଏହା ତ ଅଲ୍ଲାଃ ତାଲା ହିଁ ଜାଣିଥିବେ । ଆମର ଯେଉଁ ଏ ପୃଥିବୀ ଅଛି ଏହା ତ କେତେ ଆରବ ବର୍ଷ ପୁରୁଣା ଅଟେ । ଲକ୍ଷ ଲକ୍ଷ ଆରବ ବର୍ଷ ପୁରୁଣା ତେଣୁ ଏତେ ପୁରୁଣା ଇତିହାସକୁ କିଏ ଜାଣିଛି ଯେ, ଏଥିରେ ପ୍ରଥମ ବସ୍ତୁ କଣ ଥିଲା ବୋଲି । ହଁ ବର୍ତମାନ ଯେଉଁ ପୃଥିବୀରେ ବସବାସ କରୁଛୁ ତାହା ପ୍ରଥମେ ଗୋଟିଏ ଅଗ୍ନୀପିଣ୍ଡୁଳା ଥିଲା ଓ ପୁଣି ଧିରେ ଧିରେ ତାହା ଥଣ୍ଡା ହେବାକୁ ଲାଗିଲା ଓ ମୋର ସେଥିରେ ଜୀବଜନ୍ତୁ ଓ ଜନବସତି ସୃଷ୍ଟି ହେଲା । ପ୍ରଥମେ ବ୍ୟାକ୍ଟେରିଆ ସୃଷ୍ଟି ହେଲେ । ପୁଣି ଆହୁରି ଅନେକ ଜୀବଜନ୍ତୁ ସୃଷ୍ଟି ହେଲେ । ଏହିପରି ଅଲ୍ଲାଃ ତାଲା Evolution ଦ୍ୱାରା ଏ ପୃଥିବୀକୁ ଆବାଦ୍ କଲେ ।

ଆଉ ଜଣେ ପିଲା ପଚାରିଲେ ଯେ, ଯେଉଁ ଓ୍ୱାକିଫିନେ ନୌ ପିଲାମାନଙ୍କୁ ବଡ଼ ହୋଇ ମୂରବୀ (ମୁବଲିଗ୍) ବନିବାକୁ ଅଛି କିନ୍ତୁ ତାଙ୍କ ଭିତରେ ଏବେ ମୁରବୀ ହେବାର ସୌକ ନାହିଁ ସେମାନେ କଣ କରିପାରିବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: କିଏ ତୁମକୁ ଏକଥା କହିଛି ଯେ, ଯଦି ଇଚ୍ଛା ନାହିଁ ତେବେ ପୁଣି ଏହା ସତ୍ତ୍ୱେ ମଧ୍ୟ ମୁରବୀ ବନିବାକୁ ହେବ ? ଜୋର୍ ଜବରଦସ୍ତି କେହି କରୁନାହାନ୍ତି ଯଦି ତୁମ ମାଆ ବାପାଙ୍କର ଏ ଇଚ୍ଛା ଅଛି ଯେ, ତୁମେ ମୁରବୀ ହୁଅ ଓ ତୁମର ଏ ଇଚ୍ଛା ଅଛି ଯେ ତୁମେ ଡ଼ାକ୍ତର ହେବ, ତେବେ ଡ଼ାକ୍ତର ହୋଇଯାଅ ଯଦି ଇଞ୍ଜିନିୟର ହେବାକୁ ଇଚ୍ଛା ଅଛି ତେବେ ହୋଇଯାଅ, ଯଦି ଓକିଲ ହେବାର ଇଚ୍ଛା ଅଛି ତେବେ ଓକିଲ ହୋଇଯାଅ ବା ଯଦି ଅନ୍ୟ କିଛି କାମ କରିବାକୁ ଇଚ୍ଛା ରଖିଛ ତେବେ ଅନୁମତି ନେଇ କରିପାରିବ । ଅଗଣତି ଓ୍ୱାକିଫିନେ ନୌ ଅଛନ୍ତି । ପ୍ରତ୍ୟେକ ପିଲା ତ ଜାମିୟାରେ ପ୍ରବେଶ କରିପାରିବେ ନାହିଁ ଏବଂ ପ୍ରବେଶ ମଧ୍ୟ କରୁନାହାନ୍ତି ହଁ ମାଆ ବାପାଙ୍କର ଏ ଇଚ୍ଛା ରହିଛି ଯେ, ଏମାନେ ମୂରବୀ ବନନ୍ତୁ କିନ୍ତୁ ପ୍ରଥମ ଚଏସ୍ ହେଉଛି ତୁମର ଯଦି ତୁମର ମନ ଚାହୁଁଛି ଓ ତୁମ ନିକଟରେ ବିକଳ୍ପମାନ ରହିଛି ଓ ତୁମକୁ ଜଣା ନାହିଁ ଯେ ତୁମକୁ କଣ କରିବାକୁ ହେବ ତେବେ ପୁଣି ପ୍ରଥମ ବିକଳ୍ପ ମୂରବୀ ହେବା ଉଚିତ । ତା'ପରେ ପୁଣି ଡ଼ାକ୍ତର, ଶିକ୍ଷକ ଏବଂ ଅନ୍ୟ ବିଭାଗମାନ ଅଛି, ସେ ସବୁକୁ ବାଛି ପାରିବେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେହି ପିଲାଟି ବତାଇଲା ଯେ, ସେ ମୂରବୀ ବନିବାକୁ ଚାହୁଁଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ତୁମେ ତ ମୁରବୀ ବନିବାକୁ ଚାହୁଁଛ ତେବେ ତୁମକୁ କାହାରି ଚିନ୍ତା ଘାରୁଛି । ବାକି ଯାହାକୁ ଯାହା ଇଚ୍ଛା ସେମାନେ ସେହିପରି ହୁଅନ୍ତୁ ମତେ ଲେଖିକରି ବତାଇ ଦିଅନ୍ତୁ ।

ଆଉ ଗୋଟିଏ ପିଲା ପଚାରିଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ଏପରି କେଉଁ ଦୁଆ କରିଥିଲେ ଯେ, ହଜୁର ଅଲ୍ଲାଃ ତାଲାଙ୍କର ପ୍ରୀୟପାତ୍ର ହୋଇଗଲେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅଲ୍ଲାଃ ତାଲାଙ୍କ ନିକଟରେ ଏ ପ୍ରାର୍ଥନା କରିବା ଉଚିତ ଯେ, ଅଲ୍ଲାଃ ତାଲା ଆମମାନଙ୍କଠାରୁ ପ୍ରସନ୍ନ ହୋଇଯାଆନ୍ତୁ । ଯଦି ତୁମେ ଏକଥା ଭାବୁଛ ଯେ, ଖଲିଫା ହେବାପାଇଁ କଣ ଦୁଆ କରିଥିଲି ତେବେ କୌଣସି ବ୍ୟକ୍ତି ମଧ୍ୟ ଏ ଦୁଆ କରେ ନାହିଁ । ହଁ ଏ ଦୁଆ କରିବା ଉଚିତ ଯେ, ଅଲ୍ଲାଃ ତାଲା ଆମକୁ ପୂଣ୍ୟକର୍ମ କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ, ଆମକୁ ଭଲ ଅହେମଦୀ ବନାନ୍ତୁ, ଆମକୁ ଯୁଗ ଖଲିଫାଙ୍କ କଥାକୁ ମାନିବାର ସୌଭାଗ୍ୟ ପ୍ରଦାନ କରନ୍ତୁ ଏବଂ ଆମକୁ ପୂଣ୍ୟକର୍ମ କରିବାକୁ ସୁଯୋଗ ଦିଅନ୍ତୁ ଏହି ଦୁଆ କର ।

ଆଉ ଜଣେ ପିଲା ପଚାରିଲେ ଯେ, ଆମେ ଯେତେବେଳେ ଯାତ୍ରା କରୁଅଛୁ ଓ ସେ ସମୟରେ ନମାଜର ସମୟ ଆସିଯାଏ ସେତେବେଳେ ଆମେ ଟ୍ରେନ ବା ଗାଡ଼ିରେ ନମାଜ ପଢ଼ିନେଉଛୁ । କିନ୍ତୁ ଆମେ ଖାନାକାବାର ଦିଗ ବିଷୟରେ ଜାଣିପାରୁନାହୁଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେତେବେଳେ ତୁମେ ଯାତ୍ରା କରୁଅଛ ସେତେବେଳେ ଏହା କରିବାପାଇଁ ଅନୁମତି ଅଛି । ଅର୍ଥାତ ବିନା କୌଣସି ଦିଗ ନିର୍ଦ୍ଧାରଣରେ ନମାଜ ପାଠ କରିପାରିବ । ଏଭଳି କରିବାକୁ ଆଁ ହଜ୍‌ରତ୍ ସ:ଆ:ସ ଅନୁମତି ଦେଇଛନ୍ତି । ଯଦି ତୁମକୁ କିବ୍‌ଲାର ଦିଗ ବିଷୟରେ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨ ୦ ୧ ୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଜଣାନାହିଁ ଓ ମଜ୍‌ବୁରି ଅଛି ତେବେ ଏପରି ସ୍ଥଳେ କେଉଁ ଆଡ଼େ ମଧ୍ୟ ମୁହଁ କରି ନମାଜ ପଢ଼ିନେବା ଜରୁରୀ ଅଟେ । କାରଣ ତୁମେ ଅଲ୍ଲାଃ ତାଲାଙ୍କୁ ହିଁ ଉପାସନା କରୁଅଛ ତେଣୁ ଏଥିରେ କୌଣସି ଅସୁବିଧା ନାହିଁ କିନ୍ତୁ ନମାଜକୁ ତା'ର ଉଚିତ ସମୟରେ ପଢ଼ିବା ଉଚିତ । ନମାଜ ଛାଡ଼ିବା ଉଚିତ ନୁହେଁ ।

ସେହି ପିଲାଟି ପୁଣି ପଚାରିଲା ଯେ, ମୋ ଦୃଷ୍ଟିଶକ୍ତି ବହୁତ ଦୁର୍ବଳ ହୋଇଯାଇଛି ସେଥିଯୋଗୁଁ ଦୁଆ କରିବାପାଇଁ ନିବେଦନ କରିବାର ଥିଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଅଲ୍ଲାଃ ତାଲା କୃପା କରନ୍ତୁ ନିଜ ଆଖିର ମେଡ଼ିକାଲ ରିପୋର୍ଟ ଲେଖି ମତେ ପଠାନ୍ତୁ । ତାହାପରେ ପୁଣି ହୋମିଓପାଥି ଔଷଧ ବ୍ୟବହାର କରିବେ ।

ଆଉ ଜଣେ ଖାଦିମ୍ କହିଲେ ଯେ, ମୋର ଜଣେ ଇସାଇ ବନ୍ଧୁଙ୍କ ସହିତ ଯୁକ୍ତିତର୍କ ଚାଲିଥିଲା । ସେ କହୁଥିଲେ ଯେ, ଯଦି କେବଳ ଇସା ଆ:ସଙ୍କ ଉପରେ ଇମାନ୍ ନେଇଆସିବ ତେବେ ତୁମକୁ ବୈକୁଣ୍ଠ ପ୍ରାପ୍ତି ହୋଇଯିବ । ମୁଁ ଏହାର କୌଣସି ସଠିକ ଉତର ଦେଇପାରିଲି ନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ତାକୁ କୁହ ଯେ, ତୁମେ ବିଲ୍‌କୁଲ୍ ଠିକ୍ କହୁଛ ତୁମେ କୁହଛ ଯେ, କେବଳ ହଜ୍‌ରତ୍ ଇସା ଆ:ସଙ୍କ ଉପରେ ଇମାନ୍ ଆଣ କିନ୍ତୁ ଆମେ ତ ଏକଥା କହୁଛୁ ଯେ, ସମସ୍ତ ନବୀମାନଙ୍କ ଉପରେ ଇମାନ୍ ଆଣ ତେବେ ଯାଇ ବୈକୁଣ୍ଠ ଲଭିବ । ଆମେ ହଜ୍‌ରତ୍ ଇସା ଆ:ସଙ୍କୁ ମଧ୍ୟ ନବୀ ମାନୁଅଛୁ ଓ ତାଙ୍କ ଉପରେ ଇମାନ୍ ଆଣିଛୁ ଓ ତାଙ୍କୁ ଅଲ୍ଲାଃ ତାଲାଙ୍କର ସଚ୍ଚା ନବୀ ବୋଲି ସ୍ୱୀକାର କରୁଛୁ । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଆସିବାର ଭବିଷ୍ୟବାଣୀ ସେ କରିଥିଲେ । ଯାହା ବାଇବେଲ୍‌ରେ ମଧ୍ୟ ଉଲ୍ଲେଖ ଅଛି । ତା ମୁତାବକ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମଧ୍ୟ ମାନୁଅଛୁ ପୁଣି ତା'ଠାରୁ ବଳି ଆଁ ହଜ୍‌ରତ୍ ସ:ଆ:ସ ଆସିବାକୁ ଥିବା ମସିହଙ୍କ ପାଇଁ ଯେଉଁ ଭବିଷ୍ୟବାଣୀ କରିଛନ୍ତି ଆମେ ତାଙ୍କୁ ମଧ୍ୟ ମାନୁଅଛୁ । ଅଲ୍ଲାଃ ତାଲା ତ ପବିତ୍ର କୁରଆନ୍‌ରେ ଲେଖିଛନ୍ତି ଯେ, ସମସ୍ତ ନବୀମାନଙ୍କ ଉପରେ ବିଶ୍ୱାସ ଆଣିବା ଜରୁରୀ ଅଟେ । ତେଣୁ ଆମେ ତ ବିଶ୍ୱାସ ଆଣିଛୁ ।

ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ: ତାକୁ ଏକଥା କହିଦିଅ ଯେ, ଯଦି ତୁମେ ବୈକୁଣ୍ଠ ଦେଉଅଛ ତେବେ ଆମକୁ ନ ଦିଅ କିନ୍ତୁ ଯଦି ବୈକୁଣ୍ଠ ଆଲ୍ଲାଃ ତାଲାଙ୍କୁ ଦେବାର ଅଛି ତେବେ ଆମେ ଅଲ୍ଲାଃ ତାଲାଙ୍କର ଇଚ୍ଛା ଶୁଣି ଇମାନ୍ ଆଣୁଅଛୁ । ହଁ ଯଦି ବୈକୁଣ୍ଠ ତୁମ ହାତରେ ଅଛି ତେବେ ଆମେ ଏହିଭଳି ବୈକୁଣ୍ଠର ଅଭିଳାଷି ନାହୁଁ । ଏଥିରେ ତର୍କ କରିବାର କୌଣସି ଆବଶ୍ୟକତା ହିଁ ନାହିଁ । ଏହିପରି କେତେକ ଯିଦି ପ୍ରକୃତିର ଲୋକମାନେ ମଧ୍ୟ ଥାଆନ୍ତି ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏକଥା କେଉଁଠାରେ ଲେଖା ହୋଇଛି ଯେ, ଯଦି ତୁମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇମାନ୍ ନେଇ ଆସିବ ତେବେ ତୁମକୁ ବୈକୁଣ୍ଠ ମିଳିଯିବ । ଆଁ ହଜ୍‌ରତ୍ ସ:ଆ:ସ ତ' ନିଜ ଝିଅଙ୍କୁ ମଧ୍ୟ ଏକଥା କହିଛନ୍ତି ଯେ, ଯଦି ତୁମେ ପୂଣ୍ୟକର୍ମ ନ କରୁଛ ତେବେ ଏକଥା ଭାବନାହିଁ ଯେ, ତୁମେ ରସୁଲ୍‌ଙ୍କ ଝିଅ ହୋଇ ବୈକୁଣ୍ଠକୁ ଚାଲିଯିବ ।

***ଅମଲ୍ ସେ ଜିନ୍ଦଗୀ ବନ୍‌ତି ହୈ ଜନ୍ନତ ଭି ଜହନ୍ନୁମ୍ ଭି ।***

ତେଣୁ ନିଜର କର୍ମ ଯଦି ଏବଂ ଅଲ୍ଲାଃ ତାଲା ତାହାର ଉତମ ଫଳ ଦେଇଥାଆନ୍ତି ବାକି ଅଲ୍ଲାଃ ତାଲାଙ୍କ କରୁଣା ବହତୁ ବ୍ୟାପକ । ଅଲ୍ଲାଃ ତାଲା କହିଛନ୍ତି ଯେ, ମୁଁ କ୍ଷମା କରିଦେଉଛି । ଜଣେ ବ୍ୟକ୍ତି ଏପରି ଥିଲା ଯେ ବହୁତ ପାପୀ ଥିଲା, ସେ ୯୯ ହତ୍ୟା କରିସାରିଥିଲା । ପ୍ରତ୍ୟେକ ବ୍ୟକ୍ତି ତାକୁ ଏକଥା କହୁଥିଲେଯେ, ତୁମେ ନର୍କକୁ ଯିବ । ଏହିଭଳି ଯିଏ ମଧ୍ୟ ତାକୁ ଏକଥା କହୁଥିଲା ଯେ ତୁମେ ନର୍କକୁ ଯିବ ସେ ତାକୁ ମଧ୍ୟ ହତ୍ୟା କରିଦେଉଥିଲା । ପରିଶେଷରେ କେହି ଜଣେ ତାକୁ ଏକଥା ବତାଇଲେଯେ, ତୁମେ ଅମୁକ ବ୍ୟକ୍ତିଙ୍କ ନିକଟକୁ ଯାଅ ସେ ତୁମକୁ ବୈକୁଣ୍ଠର ରାସ୍ତା ବତାଇ ଦେବ । ଅତଏବ ସେ ଉକ୍ତ ବ୍ୟକ୍ତିଙ୍କ ଆଡ଼କୁ ଚାଲିଗଲା ସେ ବାଟରେ ଚାଲୁଥିଲା ଯେ, ରାସ୍ତାରେ ତା'ର ମୃତ୍ୟୁ ହୋଇଗଲା ଏବେ ସେଠାରେ ବୈକୁଣ୍ଠର ଫରିସ୍ତା ମଧ୍ୟ ଆସିଗଲେ ଓ ନର୍କର ଫରିସ୍ତା ମଧ୍ୟ ପହଂଚିଗଲେ । ନର୍କର ଫରିସ୍ତାମାନେ କହିଲେ ଯେ, ଆମେ ଏହାକୁ ନେଇ ଯିବୁ କାରଣ ଇଏ ପାପ କରିଛି । ବୈକୁଣ୍ଠର ଫରିସ୍ତାମାନେ କହିଲେ ଯେ! ନାଁ ଇଏ ତ ପୂଣ୍ୟ ଆଡ଼କୁ ଯାଉଥିଲା ତେଣୁ ଆମେ ଯାକୁ ବୈକୁଣ୍ଠକୁ ନେଇଯିବୁ । ସେ ଯାହା ହେଉ ବହୁତ ତର୍କବିର୍ତକ ପରେ ନିଷ୍ପତି ହେଲା ଯେ ରାସ୍ତାର ଦୁରତାକୁ ମପା ଯାଉ । ଯଦି ସେ ବୈକୁଣ୍ଠର ରାସ୍ତାକୁ ଖୋଜି ଯେଉଁ ବୟଜ୍ୟୋଷ୍ଠ ବ୍ୟକ୍ତିଙ୍କ ଆଡ଼କୁ ଯାଉଥିଲା ଯଦି ସେହି ରାସ୍ତାର ଦୁରତା କମ୍ ଥିବ ତେବେ ସେ ବୈକୁଣ୍ଠକୁ ଚାଲିଯିବ କିନ୍ତୁ ଯଦି ସେ ଯେଉଁଠାରୁ ଆସିଥିଲା ତା'ର ଦୁରତା କମ୍ ଥିବ ତେବେ ସେ ନର୍କକୁ ଚାଲିଯିବ । ଏହା ହେଉଛି ଗୋଟିଏ ହଦିସ୍ । ଅତଏବ ଯେତେବେଳେ ରାସ୍ତାର ଦୂରତା ମପାଗଲା ସେତେବେଳେ ପୂଣ୍ୟ ଆଡ଼କୁ ଯାଉଥିବା ରାସ୍ତାର ଦୁରତା କମ୍ ଥିଲା ଏବଂ ସେହି ମାର୍ଗରେ ତା'ର ପାଦ ଅଧିକା ରାସ୍ତା ଚାଲିଥିଲା ତେଣୁ ଅଲ୍ଲାଃ ତାଲା ତାକୁ ବୈକୁଣ୍ଠରେ ସ୍ଥାନ ଦେଲେ । ତାହାର ସେହି ଆଶା ଥିଲା ଯେ, ଅଲ୍ଲାଃ ତାଲା ମୋତେ କ୍ଷମା ଦେବେ ତେଣୁ ସେ ଶେଷ ନିସ୍ୱାଶ ପର୍ଯ୍ୟନ୍ତ ଚେଷ୍ଟା କରିଥିଲା । ତେଣୁ ଶେଷ ପରିଣାମ ଉତମ ହେବାପାଇଁ ପ୍ରାର୍ଥନା କରିବା ଉଚିତ ଓ ତା' ଉପରେ ଅଲ୍ଲାଃ ତାଲା ପୁରସ୍କାର ଦେବେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ବିବାହ ସମୟରେ ଧର୍ମକୁ ଅଗ୍ରାଧିକାର ଦେବାପାଇଁ ଶିକ୍ଷା ଦିଆଯାଇଅଛି ।

''ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି । ଗୋଟିଏ ମହିଳାଙ୍କୁ ବିବାହ କରିବା ପାଇଁ ଚାରିଗୋଟି ଆଧାର ହୋଇପାରେ । ତାହାଙ୍କ ଧନ ଯୋଗୁଁ, ତାହାଙ୍କ ବଂଶ ଯୋଗୁଁ, ତାହାଙ୍କ ସୌନ୍ଦର୍ଯ୍ୟ ଯୋଗୁଁ ତଥା ତାହାଙ୍କ ଧର୍ମପରାୟଣତା ଯୋଗୁଁ । କିନ୍ତୁ ତୁମେ ଧର୍ମ ପରାୟଣତାକୁ ଅଗ୍ରାଧିକାର ଦିଅ ଏଥିରେ ଈଶ୍ୱର ତୁମର ମଙ୍ଗଳ କରିବେ ।

***(ବୁଖାରୀ, କିତାବୁଲ୍ ନିକାହ୍)***

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଛନ୍ତି: ''ବାହାଘର ସମୟରେ ଯେଉଁ ପ୍ରଥା ରହିଛି, ତାହା ମଧ୍ୟ ଧର୍ମ ଅଟେ । ସେଥିଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ, ଯେବେ ତୁମେ ବିବାହ କରିବାପାଇଁ ଚିନ୍ତା କରିବ, ସେତେବେଳେ ସବୁ ଜିନିଷ ଉପରେ ସେହି ଝିଅକୁ ଅଗ୍ରାଧିକାର ଦିଅ, ସେହି ବନ୍ଧୁଙ୍କୁ ଦିଅ, ଯାହାଙ୍କ ନିକଟରେ ଅଧିକା ଧର୍ମ ରହିଛି । ତେଣୁ ଏକଥା କହିବା ଠିକ୍ ନୁହେଁ ଯେ ବିଭାଘର କେବଳ ଏକ ହସଖୁସିର ପରିପ୍ରକାଶ ଓ ଆମ ନିଜସ୍ୱ କର୍ମ । ବରଂ ଏହା ଭୁଲ୍ ଧାରଣା ।

ଇସ୍‌ଲାମ୍ ଏକଥା କହିନାହିଁ ଯେ ସଂସାରକୁ ପରିତ୍ୟାଗ କରିଦିଅ ଓ ସମ୍ପୁର୍ଣ୍ଣରୂପେ ଅଲଗା ହୋଇଯାଅ ବୋଲି । କିନ୍ତୁ ଇସ୍‌ଲାମ୍ ଏକଥା ମଧ୍ୟ କହିନାହିଁ ଯେ ସଂସାରରେ ଏତେମାତ୍ରାରେ ମାତିଯାଅ ଯେ ଧର୍ମର ଜ୍ଞାନ ମଧ୍ୟ ନ ରହୁ । ଯଦି ବିଭାଘର କେବଳ କୋଳାହଳ, ଶୋଭାବର୍ଦ୍ଧନ ଏବଂ ଗାଇବା ବଜାଇବା ହୋଇଥାନ୍ତା, ତେବେ ଆଁ ହଜ୍‌ରତ୍ ସ:ଆ:ସ ନିକାହ୍ ଖୁତ୍‌ବାଃରେ ଅଲ୍ଲାଃଙ୍କ ସ୍ତୁତିଗାନରୁ ଆରମ୍ଭ କରିନଥାନ୍ତେ ଏବଂ ପୁଣି ତକ୍‌ଓ୍ୱା (ଧର୍ମପରାୟଣତା) ଗ୍ରହଣ କରିବା ପ୍ରତି ଏତେମାତ୍ରାରେ ଯେଉଁ ଜୋର୍ ଦେଇଛନ୍ତି, ସେଥିପ୍ରତି ଧ୍ୟାନ ଦେଇନଥାନ୍ତେ ବରଂ ବିଭାଘରର ପ୍ରତ୍ୟେକ ଉପଦେଶ ଓ ପ୍ରତ୍ୟେକ ନିର୍ଦ୍ଦେଶର ମୂଳାଧାର ହିଁ ତକ୍‌ଓ୍ୱା ଉପରେ ରଖାଯାଇଅଛି ।''

***(ଖୁତ୍‌ବା ଜୁମା ପ୍ରଦତ ୨୫ ନଭେମ୍ବର ୨୦୦୫)***

**(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)**

## ସଦର ଅଞ୍ଜୁମନ ଅହମଦିୟା ତଜିଇନ୍ (ସୌନ୍ଦର୍ଯ୍ୟକରଣ) ବିଭାଗରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ ।

ତଜିଇନ୍ ବିଭାଗ କାଦିଆନ୍‌ରେ ମଞ୍ଜୁର ହୋଇଥିବା ନୁଆ ଆମେରିକାନ୍ ବେସ୍‌ଡ଼୍ ଗ୍ରାସ କଟର୍ ମେଶିନ୍ ନିମନ୍ତେ ଡ୍ରାଇଭର ପଦବି ପୂରଣ ହେବାର ଅଛି । ଯେଉଁ ବ୍ୟକ୍ତି ଡ୍ରାଇଭର ଭାବେ ଏହି ସେବାକାର୍ଯ୍ୟ କରିବାକୁ ଇଚ୍ଛା ରଖିଛନ୍ତି ସେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହ୍‌ମଦିୟା ନିକଟକୁ ପଠାଇପାରିବେ ।

**ସର୍ତାବଳୀ:**

(୧) ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ (୨) ପ୍ରାର୍ଥୀ ଅଳ୍ପବହୁତ ଟେକ୍‌ନିକାଲ୍ କାମ ମଧ୍ୟ ଜାଣିଥିବେ । ଯଦ୍ୱାରା ଆବଶ୍ୟକସ୍ଥଳେ ଏହି କଟର୍ ମେଶିନ୍‌ର ମରାମତି ମଧ୍ୟ କରିପାରିବେ । (୩) ପ୍ରାର୍ଥୀ ଟ୍ରାକଟ୍‌ର ଟ୍ରଲି ଚଳାଇବା ଜାଣିଥିବେ (୪) ପ୍ରାର୍ଥୀ ଆଜ୍ଞାକାରୀ ହୋଇଥିବେ ଓ ଆବଶ୍ୟକ ପଡ଼ିଲେ ଅଧିକା କାମ କରିବାକୁ ପ୍ରସ୍ତୁତ ଥିବେ (୫) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ ନାହିଁ (୬) ପ୍ରାର୍ଥୀଙ୍କୁ ଜନ୍ମ ପ୍ରମାଣପତ୍ର ଦେବା ଅନିବାର୍ଯ୍ୟ (୭) ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ ପ୍ରାର୍ଥୀ ଚୟନ ବୋର୍ଡ଼ର ଇଂଟରଭ୍ୟୁରେ ଉତୀର୍ଣ୍ଣ ହେବେ (୮) ଏବଂ ଯିଏ ନୂର ହସ୍ପିଟାଲ୍ କାଦିଆନ୍ ଦ୍ୱାରା ପ୍ରଦତ ମେଡ଼ିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ବିବେଚିତ ହେବେ (୯) ଏହି ଡ୍ରାଇଭର ପଦବୀ ପାଇଁ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ସମ ଆଲାଉନ୍ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ (୧୦) କାଦିଆନ୍ ଯାତାୟାତର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ (୧୧) ଯଦି ପ୍ରାର୍ଥୀଙ୍କର ଚୟନ ହୁଏ ତେବେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ପ୍ରାର୍ଥୀ ନିଜେ କରିବେ ।

***Note-*** ଏଥିପାଇଁ ଦରଖାସ୍ତ ଫର୍ମ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହମଦିୟା କାଦିଆନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସଠିକ୍ ଭାବେ ପୂରଣ ହୋଇ ହସ୍ତଗତ ହେଲେ ତା ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

*(ନାଜିର୍ ଦିଓ୍ୱାନ୍ କାଦିଆନ୍)*

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ**
**(Ph) 01872-501130 (Mob) 9877138347, 9646351280**
**email: diwan@qadian.in**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 24 Sep 2020 Issue No. 39

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୩୦ ସେପ୍ଟେମ୍ବର ୨୦୧୯ (ସୋମବାର)ବଳକାଅଂଶ**

**ନ୍ୟାସନାଲ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଥିବା ମିଟିଙ୍ଗର ବଳକାଅଂଶ**

ଜଣେ ମେମ୍ବର ପଚାରିଲେ ଯେ କଣ ଆମେ ଲଜ୍‌ନାମାନଙ୍କର ଫଟୋ ଯାହା ଦୁରରୁ ରହି ଉଠାଯାଇଥିବ, ତାହାକୁ ଆମ ନିଜ ପତ୍ରିକାରେ ପ୍ରକାଶ କରିପାରିବୁ କି ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ପତ୍ରିକାଗୁଡ଼ିକରେ ଛପାଇ ପାରିବେ ନାହିଁ କାରଣ ସେଗୁଡ଼ିକୁ ଦେଖୁଥିବା ପୂରୁଷମାନଙ୍କର ନିୟତ କଣ ଅଛି ଆମକୁ ଜଣାନାହିଁ । ବେଳେବେଳେ ଆମେରିକା ଓ ଆଫ୍ରିକାରେ ଥିବା ନୌମୁବାଏମାନଙ୍କର ଫଟୋ ଆସିଯାଉଛି । ସେମାନଙ୍କ ପାଇଁ ଛାଡ଼ ଅଛି, କିନ୍ତୁ ଯେଉଁମାନେ ଜନ୍ମଗତ ଅହେମଦୀ ସେମାନେ ଏହି ଫଟୋ ପ୍ରକାଶ କରିବେ ନାହିଁ ।

ଆଉ ଜଣେ ସଦସ୍ୟ ପଚାରିଲେ ଯେ, ଅଧିକାଂଶ ତବ୍‌ଲିଗି ଅତିଥିମାନଙ୍କୁ ଇଂଲଣ୍ଡ ତଥା ଜର୍ମାନୀ ଜଲ୍‌ସାକୁ ଆମନ୍ତ୍ରଣ କରି ନିଆଯାଉଅଛି କିନ୍ତୁ ଯମାତ୍ ନିକଟରେ ଏତେମାତ୍ରାରେ ବଜେଟ ନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ନିଜ ନିଜ ଯମାତ୍‌ରୁ ସାହାଯ୍ୟ ନିଅନ୍ତୁ, ୟୁକେ ଯମାତ୍ ପଇସା ନେଉନାହିଁ । ଯଦି ଯମାତି ସ୍ତରରେ ତବ୍‌ଶିର୍‌ଙ୍କୁ ସୁଚନା ଦେବେ ତେବେ ସେ ଏହାର ବ୍ୟବସ୍ଥା କରିଦେବେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଏକଥା ଉପସ୍ଥାପନ କରାଗଲା ଯେ, କିଛି ଓ୍ୱହଦାଦାରମାନେ ଏପରି ଅଛନ୍ତି ଯେଉଁମାନେ ମସ୍‌ଜିଦ୍ ଏବଂ ଯମାତି ପ୍ରୋଗ୍ରାମଗୁଡ଼ିକରେ ସାମିଲ ହେବାରେ ପରଦା କରିଆସୁଛନ୍ତି କିନ୍ତୁ ଏତଦ୍‌ବ୍ୟତିତ ବାହାରେ ପରଦା କରୁନାହାନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏଭଳି ଲୋକମାନଙ୍କୁ ଓ୍ୱହଦାଦାର ବନାନ୍ତୁ ନାହିଁ । କିନ୍ତୁ ତାଙ୍କଠାରୁ କାମ ନେଇପାରିବେ କିଛିଟା ସମ୍ପର୍କ ରଖିବାକୁ ହେବ କାରଣ ଯଦି ମସ୍‌ଜିଦ୍‌ରେ ସେମାନେ ପରଦା କରୁଛନ୍ତି ତାହେଲେ କିଛିଟା ତ ଚେଷ୍ଟା କରୁଛନ୍ତି । ଅତିକମ୍‌ରେ ମସ୍‌ଜିଦ୍‌କୁ ତ ପରଦା କରିଆସୁଛନ୍ତି ।

ଆଉ ଜଣେ ଆମେଲାର ସଦସ୍ୟ ପଚାରିଲେ ଯେ, ଯଦି ନ୍ୟାସନାଲ ସଦର୍ ବା ଲୋକାଲ୍ ସଦରଙ୍କ ସହିତ କୌଣସି ବ୍ୟକ୍ତି ରାୟରେ ମତଭେଦ କରେ ବା ସେହି ରାୟ ଉପରେ ଟିପ୍ପଣୀ ଦିଏ ତେବେ ସଦରଙ୍କର ବ୍ୟବହାର ତା ଉପରେ କଣ ହେବା ଉଚିତ ଏବଂ ସେହି ମେମ୍ବରଙ୍କ ଆଜ୍ଞାନୁବର୍ତିତାର ସ୍ତର କିଭଳି ରହିବା ଉଚିତ ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯଦି ଆପୋଷରେ ପରାମର୍ଶ ଚାଲିଥିବ ତେବେ ଏଥିରେ ସକାରାତ୍ମକ ମତଭେଦ ରହିଥାଏ ଏହା ଠିକ୍ ଅଟେ କିନ୍ତୁ ପଛରୁ ଗୋଡ଼କୁ ଭିଡ଼ିବାର ପ୍ରକୃତି ନରହୁ । ଯଦି କିଛି ପରାମର୍ଶ ଅଛି ତେବେ ଲେଖିକି ଦିଅନ୍ତୁ ସେଥିରେ ସଦରଙ୍କର ନିଷ୍ପତି ରହିବ ନଚେତ୍ ଖଲିଫାଙ୍କ ନିକଟକୁ ଲେଖନ୍ତୁ ଓ ଖଲିଫାଙ୍କର ନିଷ୍ପତି ଶେଷ ନିଷ୍ପତି ହେବ ।

ସଦର ସାହିବା ଲଜ୍‌ନା କହିଲେ ଯେ, ରିଜିଓନାଲ୍ ଏବଂ ଲୋକାଲ ସ୍ତରରେ ପୁରୁଷମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବାକୁ ପଡ଼ିଥାଏ କିନ୍ତୁ ପୁରୁଷମାନଙ୍କ ଜରିଆରେ କାମ କରାଇବା ଅଧିକାଂଶ ସମୟ କଷ୍ଟକର ହୋଇପଡ଼ିଥାଏ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁରୁଷମାନଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା ଉଚିତ । ଯେମିତି ଘରେ ବହୁତ ଗୁଡ଼ିଏ ସମସ୍ୟାକୁ ଆପଣ ଲଢ଼େଇ ଝଗଡ଼ା କରି ସମାଧାନ କରିନେଉଛନ୍ତି ସେହିଭଳି ଏ କାର୍ଯ୍ୟରେ ମଧ୍ୟ ପୁରୁଷମାନଙ୍କ ସହିତ ଲଢ଼ନ୍ତୁ ।

ନ୍ୟାସନାଲ୍ ମଜ୍‌ଲିସ୍ ଆମେଲା ଲଜ୍‌ନା ଇମାଇଲା ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ମିଟିଙ୍ଗ ୬:୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ।

**୩୦ ସେପ୍ଟେମ୍ବର ୨୦୧୯ (ସୋମବାର)ର ବଳକାଅଂଶ**

ଠିକ୍ ୭ଟା ବେଳେ ଓ୍ୱାକିଫେ ନୌ ପିଲାମାନଙ୍କର କ୍ଲାସ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆରମ୍ଭ ହେଲା ।

**ଓ୍ୱାକିଫେ ନୌ ପିଲାମାନଙ୍କର କ୍ଲାସ**

ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ସହିତ ହେଲା । ଯାହାର ଆବୃତି ଅଜିଜମ୍ ଅଲୀ ସହର୍‌ୟାର୍ କଲେ ଓ ତାହାର ଉର୍ଦ୍ଦୁ ଅନୁବାଦ ଅଜିଜମ୍ ତାହା ସକିଲ୍ ପଢ଼ି ଶୁଣାଇଲେ । ତା'ପରେ ଅଜିଜମ୍ ନଦିନ୍ ଅହେମଦ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ପବିତ୍ର ହଦିସ୍‌ର ଆରବୀ ଅଂଶକୁ ଉପସ୍ଥାପନ କଲେ । ଯାହାର ନିମ୍ନଲିଖିତ ଉର୍ଦ୍ଦୁ ଅନୁବାଦକୁ ଅଜିଜମ୍ ମସ୍‌ରୁର୍ ଅହେମଦ୍ ପାଠ କଲେ:- ହଜ୍‌ରତ୍ ଅବୁ ହୁରୈରା ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଆଁ ହଜ୍‌ରତ୍ ସ:ଆ:ସ ଏକଥା ବତାଇଲେ ଯେ, ଅଲ୍ଲାଃ ତାଲା କହୁଛନ୍ତି କି, ମୋର ଭକ୍ତ ମତେ ଅସ୍ୱୀକାର କରୁଛି ଯେବେକି ତାକୁ ଏପରି କରିବା ଉଚିତ ନାହିଁ । ସେ ମତେ ଗାଳି ଦେଉଛି ଯେବେକି ତାକୁ ଏପରି କରିବାର ହକ୍ ନାହିଁ । ମତେ ଅସ୍ୱୀକାର କରିବାର ଅର୍ଥ ହେଉଛି ଏହା ଯେ, ସେ ଏକଥା କହୁଛି ଯେ, ଅଲ୍ଲାଃ ତାଲା ଆମକୁ ପୂର୍ନବାର ଏହିଭଳି ସୃଷ୍ଟି କରିପାରିବ ନାହିଁ । ଯେଉଁଭଳି ସେ ଆମକୁ ପ୍ରଥମେ ସୃଷ୍ଟି କରୁଛି । ମତେ ଗାଳି ଦେବାର ଅର୍ଥ ହେଉଛି ଏପରି କି ସେ କହୁଛି ଅଲ୍ଲାଃ ତାଲା ଜଣକୁ ନିଜର ପୁତ୍ର ବନାଇଛି । ଯେବେ କି ମୁଁ ହେଉଛି ବେନିଆଜ୍ ଅର୍ଥାତ ସର୍ବଗୁଣ ସମ୍ପର୍ଣ୍ଣ ଏବଂ କାହାର ସାହାଯ୍ୟ ଲୋଡ଼ିନଥାଏ । ମୋର କୌଣସି ପୁତ୍ର ନାହିଁ ଏବଂ ନା ମୁଁ କାହାର ପୁତ୍ର ଅଟେ । ସେହିପରି ମୋର କେହି ସମକକ୍ଷ ହୋଇପାରିବ ନାହିଁ । ***(ମସ୍‌ନଦ୍ ଅହେମଦ୍, ଖଣ୍ଡ-୨, ପୃ-୩୧୭)***

ତା'ପରେ ଅଜିଜମ୍ ଖୁର୍‌ରମ୍ ଶହଯାଦ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ନିମ୍ନଲିଖିତ ଆଲେଖ୍ୟକୁ ଉପସ୍ଥାପନ କଲେ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଛନ୍ତି: ''ଅତଃ ଯେହେତୁ ପୁରାତନ କାଳରୁ ଏବଂ ଯେବେଠାରୁ ଏ ସଂସାର ସୃଷ୍ଟି ହେଲାଣି ସେବେଠାରୁ ଖୁଦାଙ୍କୁ ଚିହ୍ନିବା ନବୀଙ୍କୁ ଚିହ୍ନିବା ଦ୍ୱାରାହିଁ ସାବ୍ୟସ୍ତ ହୋଇ ଆସୁଅଛି ସେଥିଯୋଗୁଁ ଏହା ଅସମ୍ଭବ ଯେ, ବିନା କୌଣସି ନବୀଙ୍କ ଜରିଆରେ ତେବେ ଏକେଶ୍ୱରବାଦର ଜ୍ଞାନ ମିଳିପାରିବ । ନବୀ ଖୁଦାଙ୍କ ଚେହେରା ଦେଖାଇବାର ଆଇନା ହୋଇଥାନ୍ତି । ସେହିପରି ଆଇନା ଜରିଆରେ ଈଶ୍ୱରଙ୍କର ଚେହେରା ଦୃଶ୍ୟମାନ ହୋଇଥାଏ । ଯେତେବେଳେ ଖୁଦାତାଲା ନିଜର ସ୍ୱରୁପକୁ ଏ ଦୁନିଆରେ ପ୍ରକାଶ କରିବାକୁ ଚାହିଁଥାଏ ସେତେବେଳେ ସେ ନବୀଙ୍କୁ ଏ ପୃଥିବୀକୁ ପଠାଇଥାଏ, ଯିଏ ତାହାଙ୍କ ପ୍ରକୃତିର ଅନୁରୂପ ହୋଇଥାଏ ଏବଂ ଈଶ୍ୱର ତା' ଉପରେ ନିଜର ଐଶିବାଣୀ ଅବତରଣ କରିଥାଏ ଏବଂ ନିଜର ରବୁବିୟତ (ପାଳନକର୍ତା ହେବାର) ଶକ୍ତି ନବୀଙ୍କ ଜରିଆରେ ପ୍ରଦର୍ଶିତ କରିଥାଏ । ତେବେ ଯାଇ ଏ ସଂସାର ବାସୀଙ୍କୁ ଜଣାପଡ଼ିଥାଏ ଈଶ୍ୱର ଅଛନ୍ତି । ଅତଏବ ଯେଉଁ ଲୋକମାନଙ୍କର ଅସ୍ତିତ୍ୱ ଈଶ୍ୱରଙ୍କ ପୁରୁଣା କାନୁନ୍ ଅନୁସାରେ ଈଶ୍ୱରଙ୍କୁ ଚିହ୍ନିବାର ମାଧ୍ୟମ ଧାର୍ଯ୍ୟ ହୋଇସାରିଛି ସେମାନଙ୍କ ଉପରେ ବିଶ୍ୱାସ ଆଣିବା ଏକେଶ୍ୱରବାଦର ଏକ ଅଂଶ ବିଶେଷ ଓ ଏହି ବିଶ୍ୱାସ ବ୍ୟତିତ ଏକେଶ୍ୱରବାଦ ସମ୍ପୂର୍ଣ୍ଣ ହୋଇପାରେନାହିଁ । କାରଣ ନବୀ ଯେଉଁ ଆକାଶୀୟ ଚିହ୍ନ ଏବଂ ଐଶ୍ୱରିକ ଶକ୍ତି ସମ୍ପର୍ଣ୍ଣ ଗୁଣକୁ ଦେଖାଇଥାଆନ୍ତି ତାହା ବିନା ପ୍ରକୃତ ଜ୍ଞାନ ହାସଲ କରିବା ଅସମ୍ଭବ । ସେହି ଏକେଶ୍ୱରବାଦ ସର୍ବଦା ପୂର୍ଣ୍ଣବିଶ୍ୱାସର ଝରଣା ଦ୍ୱାରା ସୃଷ୍ଟି ହୋଇଥାଏ । ସେହି ଗୋଟିଏ କୌମ୍ ଯିଏ ଖୁଦାଙ୍କର ସ୍ୱରୁପକୁ ପ୍ରକାଶ କରିଥାନ୍ତି ବା ସେମାନଙ୍କ ଜରିଆରେ ଈଶ୍ୱରଙ୍କର ଅସ୍ତିତ୍ୱ ପ୍ରକାଶ ହୋଇଥାଏ । ଅର୍ଥାତ ଈଶ୍ୱରଙ୍କ ସୂକ୍ଷ୍ମରୁ ସୂକ୍ଷ୍ମତର ବିଶେଷଗୁଣ ପ୍ରକାଶ ହୋଇଥାଏ ଏବଂ ସର୍ବଦା ସେହି ଗୁପ୍ତ ଭଣ୍ଡାର ଯାହାର ନାମ ହେଉଛି ଖୁଦା, ସେ ନବୀମାନଙ୍କ ଜରିଆରେ ହିଁ ଚିହ୍ନିତ ହୋଇଥାଆନ୍ତି । ଅନ୍ୟଥା ସେହି ଏକେଶ୍ୱରବାଦ ଯାହା ଈଶ୍ୱରଙ୍କ ନିକଟରେ ଏକେଶ୍ୱରବାଦ ବୋଲାଇଥାଏ ତାହାକୁ ହାସଲ କରିବା ବିନା କୌଣସି ନବୀଙ୍କ ଜରିଆରେ ଅସମ୍ଭବ........'' । ***(ହକିକତୁଲ୍ ଓ୍ୱହି, ରୁହାନୀ ଖଜାଇନ୍ ଖଣ୍ଡ-୨୨, ପୃ-୧୧୫-୧୧୬)***

ଏହାପରେ ଅଜିଜମ୍ ହସନ୍ ମେହମୁଦ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ନଜମ୍:

**ହମ୍‌ଦୋ ସନା ଉସିକୋ ଯୋ, ଯାତ୍ ଯାଓ୍ୱେଦାନି**
**ହମ୍‌ସର୍ ନେହିଁ ହାଏ ଉସ୍‌କା କୋଇ ନା କୋଇ ସାନି**

ରୁ ନିର୍ବାଚିତ ପଦଗୁଡ଼ିକୁ ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ ।

ଏହାପରେ ଅଜିଜମ୍ ନୂର୍ ଅହ୍‌ମଦ୍ ରଜା ଏବଂ ଅଜିଜମ୍ ହମ୍‌ଜା ଇବ୍‌ତିସାମ୍ ''ହସ୍‌ତି ବାରି ତାଲା'' ବିଷୟବସ୍ତୁ ଉପରେ ନିଜର ସନ୍ଦର୍ଭ ଉପସ୍ଥାପନ କରି ବିଭିନ୍ନ ପ୍ରମାଣମାନ ପ୍ରଦାନ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଓ୍ୱାକିଫିନେ ନୌ ପିଲାମାନଙ୍କୁ ପ୍ରଶ୍ନ ପଚାରିବାପାଇଁ ଅନୁମତି ପ୍ରଦାନ କଲେ ।

ଜଣେ ପିଲା ପଚାରିଲା ଯେ, ଅଲ୍ଲାଃ ତାଲା ଏ ସଂସାରକୁ କାହିଁକି ବନାଇଛନ୍ତି ? ଏହାର ଉତରରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହା ଅଲ୍ଲାଃ ତାଲାଙ୍କର ଇଚ୍ଛା । ତୁମେ ଯେଉଁଭଳି କାଗଜଡ଼ଙ୍ଗା ତିଆରି କରୁଛ କାରଣ ତୁମ ମନ ଚାହୁଁଛି ଏଭଳି ବନାଇବାକୁ । ତେଣୁ ଅଲ୍ଲାଃ ତାଲାଙ୍କର ମଧ୍ୟ ଏହା ଇଚ୍ଛା ଯେ, ସେ ଏ ବ୍ରହ୍ମାଣ୍ଡକୁ ସୃଷ୍ଟି କଲେ ପୁଣି ଏ ପୃଥିବୀକୁ ମଧ୍ୟ ବନାଇଲେ । ପୁଣି ସେଥିରେ ମାନବସୃଷ୍ଟି କଲେ, ତା'ପରେ ପୁଣି ଅଲ୍ଲାଃ ତାଲା କହିଲେ ଯେ, ମୁଁ ଏ ସଂସାରକୁ ଅକାରଣରେ ସୃଷ୍ଟି କରିନାହିଁ । ଏହାର ଏକ କାରଣ ଓ ଉଦ୍ଦେଶ୍ୟ ମଧ୍ୟ ରହିଛି । ଯେଉଁ ପୂଣ୍ୟ ଲୋକମାନେ ଅଛନ୍ତି ସେମାନଙ୍କୁ ସେମାନଙ୍କ ପୂଣ୍ୟର ଫଳ ଦେବେ ପୁଣି ସେମାନଙ୍କ କାର୍ଯ୍ୟରେ ଖୁସି ହେବେ ଓ ସେମାନଙ୍କୁ ପୁରସ୍କାର ମଧ୍ୟ ଦେବେ ଅତଏବ ଏଥିପାଇଁ ଅଲ୍ଲାଃ ତାଲା ଏ ପୃଥିବୀକୁ ବନାଇଛନ୍ତି । ଅଲ୍ଲାଃ ତାଲା ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ମୋ କଥା ମାନ ଏବଂ ପୂଣ୍ୟକର୍ମ କର ପୁଣି ଏହାର ପ୍ରତିବଦଳରେ ମୁଁ ତୁମକୁ ପୁରସ୍କାର ଦେବି । ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ: ଯେତେବେଳେ ତୁମେମାନେ ବଡ଼ ହୋଇଯିବ ସେତେବେଳେ ତୁମମାନଙ୍କୁ ପୁଣି ଏ ପୃଥିବୀ ସୃଷ୍ଟି ହେବାର ଆହୁରି ମଧ୍ୟ

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan